بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ

ବଦର୍

Weekly BADAR Qadian Odia

କାଦିଆନ

ସଂଖ୍ୟା: 22-23

ବାର୍ଷିକ ଦେୟ : 600/-

01 ଜୁଲ୍ ହଜ୍ଜା-08 ଜୁଲ୍ ହଜ୍ଜା 1446 ହି.କ, 29 ହିଜରତ୍-05 ଇହସାନ୍ 1404 ହି.ଶ, 29 May- 05 June 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

وَاَتِمُّوا الۡحَجَّ وَالۡعُمۡرَۃَ لِلّٰہِ ؕ فَاِنۡ اُحۡصِرۡتُمۡ فَمَا اسۡتَیۡسَرَ مِنَ الۡہَدۡیِ

(ଅଲ୍ ବକ୍ରାହ୍: 197)

ଅନୁବାଦ: ଏବଂ ଅଲ୍ଲାଃଙ୍କ ସନ୍ତୋଷ ଭାଜନ ପାଇଁ ତୁମେମାନେ ହଜ୍ ଓ ଉମରା ପାଳନ କର । କିନ୍ତୁ ଯଦି ତୁମମାନଙ୍କୁ କୌଣସି କାରଣରୁ ହଜ୍ ଓ ଉମରା କରିବାରେ ବାଧା ଦିଆଯାଏ ତେବେ ଯାହା କିଛି କୁର୍ବାନୀ ଉପଲବ୍ଧ ହୁଏ ତେବେ ତାହାକୁ ଜେବହ୍ କର ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**ଯେଉଁ ବ୍ୟକ୍ତି ଯେତେ ଅଧିକ ଧନୀ ସେତେ ସିଏ ଦରିଦ୍ର । କିନ୍ତୁ ଯିଏ ଧନକୁ ବ୍ୟୟ କରିଥାଏ । ଅର୍ଥାତ୍ ଧନକୁ ବ୍ୟୟ କରୁଥିବା ବ୍ୟକ୍ତି ହିଁ ସବୁଠୁ ବଡ଼ ଧନୀକ ବ୍ୟକ୍ତି ଅଟେ ।**

**(2388)** ହ. ଅବୁ ଜର୍ ର.ଅ ବର୍ଣ୍ଣନା କରନ୍ତି: ମୁଁ ଯେତେବେଳେ ନବୀ କରୀମ୍ ସ.ଅଙ୍କ ସହିତ ଥିଲି ସେତେବେଳେ ଆପଣ ସ.ଅ ଓହୋଦ୍ ପର୍ବତକୁ ଚାହିଁ କହିଲେ, ଉକ୍ତ (ଏହି) ପର୍ବତକୁ ଯଦି ମୋ ନିମନ୍ତେ ସ୍ୱର୍ଣ୍ଣ (ସୁନା) କରିଦିଆଯାଆନ୍ତା ତେବେ ମଧ୍ୟ ମୁଁ ଏକଥାକୁ ଆଦୌ ପସନ୍ଦ କରିବି ନାହିଁ ଯେ, ଉକ୍ତ ପର୍ବତ ମଧ୍ୟରୁ ମୋ ନିକଟରେ ଗୋଟିଏ ଦିନାର 3 ଦିନରୁ ଅଧିକ ଦିନ ପର୍ଯ୍ୟନ୍ତ ରହୁ । କିନ୍ତୁ ସେହି ଦିନାର ବ୍ୟତୀତ ଯେଉଁ ଦିନାରକୁ ମୁଁ ଋଣ ପରିଶୋଧ କରିବା ନିମନ୍ତେ ନିଜ ପାଖରେ ରଖିବି । ଆପଣ ସ.ଅ ପୁନଶ୍ଚ କହିଲେ, ଯେଉଁ ବ୍ୟକ୍ତି ଯେତେ ଅଧିକ ଧନୀ ସେତେ ସିଏ ଦରିଦ୍ର ଅଟେ । କିନ୍ତୁ ସେହି ଯିଏ ଧନକୁ ବ୍ୟୟ କରିଥାଏ ଅର୍ଥାତ୍ ଧନକୁ ବ୍ୟୟ କରୁଥିବା ବ୍ୟକ୍ତି ହିଁ ସବୁଠୁ ବଡ଼ ଧନୀକ ବ୍ୟକ୍ତି ଅଟେ ।

اِنَّ الۡاَکۡثَرِیۡنَ ھُمُ الۡاَقَلُّوۡنَ: ହ. ସୟେଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ କୁହନ୍ତି: "ଉକ୍ତ ବାକ୍ୟାଂଶଟି ସାରମର୍ମମୂଳକ ବାକ୍ୟାଂଶ ମଧ୍ୟରୁ ଅନ୍ୟତମ ବାଣୀ ଅଟେ । ଏହାର ଭାବାର୍ଥ ଏହିପରି ଯେ, ଧନାଢ୍ୟ କହିଲେ ଟଙ୍କା ଏକତ୍ରିତ କରିବାକୁ ବୁଝାଏ ନାହିଁ ବରଂ ଅନେକ ଧନୀକ ବ୍ୟକ୍ତିମାନେ ଉତ୍ତମ ଚରତ୍ରବତ୍ତାରୁ ବଞ୍ଚିତ ହେବା ଯୋଗୁଁ ଶୂନ୍ୟହସ୍ତ ଅଟନ୍ତି । ଧନାଢ୍ୟ କହିଲେ ଧନ ଏକତ୍ରିତ କରିବାରେ ନୁହେଁ ବରଂ ଡାହାଣ ଓ ବାମ ପାର୍ଶ୍ୱରେ ଖର୍ଚ୍ଚ କରିବାକୁ ବୁଝାଏ । ଅର୍ଥାତ୍ ଧାର୍ମିକ ଏବଂ ସାଂସାରିକ ଆବଶ୍ୟକତା ପୂରଣ କରିବା ଦ୍ୱାରା ଧନର ଅଭିପ୍ରାୟ ଚରିତାର୍ଥ ହୋଇଥାଏ। ଯେଉଁ ବ୍ୟକ୍ତି ଟଙ୍କା ପଇସାକୁ ଏକତ୍ରିତ କରି ରଖିଲା ଏବଂ ଅଧିକାର ସମ୍ପାଦନ କରିବାରେ ସେହି ଧନକୁ ସେ ବ୍ୟୟ କଲା ନାହିଁ ତେବେ ସେହି ବ୍ୟକ୍ତି ହିଁ ସବୁଠୁ ବଡ଼ ଦରିଦ୍ର ଓ କାଙ୍ଗାଳ ଅଟେ । କିନ୍ତୁ ଯେଉଁ ବ୍ୟକ୍ତି ନିଜର ଧନ ମାଧ୍ୟମରେ ପରର ଅଧିକାର ସମ୍ପାଦନ କଲା ତେବେ ସେହି ବ୍ୟକ୍ତି ହିଁ ବାସ୍ତବରେ ଧାନଢ୍ୟ ବ୍ୟକ୍ତି ଅଟେ । କାରଣ ସେହି ବ୍ୟକ୍ତି ଧନର ପ୍ରକୃତ ଅଭିପ୍ରାୟକୁ ପ୍ରାପ୍ତ କରିନେଲା । ଆଁହଜରତ ସ.ଅଙ୍କର ଧନ ସଂପର୍କରେ ଏହି ଦୃଷ୍ଟିକୋଣ ଅତ୍ୟନ୍ତ ତାତ୍ତ୍ୱିକପୂର୍ଣ୍ଣ ଅଟେ ।" **(ସହି ବୁଖାରୀ, ଭାଗ-4, କିତାବୁଲ୍ ଇସ୍ତିକ୍ରାକ୍, ପ୍ରକାଶନ ସ୍ଥାନ-କାଦିୟାନ୍, 2008 ମସିହା)**☆☆☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ଯଦି କୌଣସି ମତଭେଦ ଥାଏ ଏବଂ ଏକତା ନଥାଏ ତେବେ ସେପରିପ୍ରେକ୍ଷୀରେ ତୁମେମାନେ ହତଭାଗ୍ୟ ହୋଇ ରହିବ ।**

**ପ୍ରଥତଃ ତୁମେମାନେ ଈଶ୍ୱରଙ୍କ ଏକେଶ୍ୱରବାଦ ପନ୍ଥା ଅବଲମ୍ବନ କର, ଦ୍ୱିତୀୟତଃ ତୁମେମାନେ ପରସ୍ପର ପ୍ରତି ପ୍ରେମ ଓ ସହାନୁଭୂତି ପ୍ରଦର୍ଶନ କର ।**

ହୁଜୁର ଅ.ସ କୁହନ୍ତି: "ଜମାଅତ୍ର ପାରସ୍ପାରିକ ଏକତା, ପ୍ରେମ ସଂପର୍କରେ ମୁଁ ପୂର୍ବେ ଅନେକ ଥର କହି ସାରିଛି ଯେ, ତୁମେମାନେ ପରସ୍ପର ମଧ୍ୟରେ ଏକତାକୁ ବଜାୟ ରଖ ଏବଂ ଏକ ହୋଇଯାଅ । ଈଶ୍ୱର ମୁସଲମାନମାନଙ୍କୁ ଏହି ଶିକ୍ଷା ପ୍ରଦାନ କରିଥିଲେ ଯେ, ତୁମେମାନେ ଏକ ଅସ୍ତିତ୍ୱ ହୋଇଯାଅ ଅନ୍ୟଥା ଦୁର୍ବଳ ହୋଇଯିବ । ନମାଜରେ ପରସ୍ପର ସହିତ ସଂଲଗ୍ନ (ଲାଗି କି) ହୋଇ ଛିଡ଼ା ହେବାର ଆଦେଶ ଏଇଥି ପାଇଁ ଦିଆଯାଇଛି ଯେ, ତୁମେମାନେ ପରସ୍ପର ଏକ ହୋଇଯିବ । ବିଦ୍ୟୁତ୍ ଶକ୍ତି ପରି ଗୋଟିଏ ବ୍ୟକ୍ତିର ପୁଣ୍ୟ ଅନ୍ୟ ବ୍ୟକ୍ତି ମଧ୍ୟରେ ପ୍ରବିଷ୍ଟ ହୋଇଯିବ । ଯଦି କୌଣସି ମତଭେଦ ଥାଏ ଏବଂ ଏକତା ନଥାଏ ତେବେ ସେପରିପ୍ରେକ୍ଷୀରେ ତୁମେମାନେ ହତଭାଗ୍ୟ ହୋଇ ରହିବ । ରସୁଲୁଲ୍ଲାଃ ସ.ଅ କହିଛନ୍ତି ଯେ, ତୁମେମାନେ ପରସ୍ପର ମଧ୍ୟରେ ପ୍ରେମ ଭାବ ସୃଷ୍ଟି କର ଓ ପରସ୍ପରକୁ ଭଲପାଅ । ପରସ୍ପର ପାଇଁ ପ୍ରକାଶ୍ୟରେ ଏବଂ ଗୋପନରେ ଦୁଆ କର । ଯଦି ଜଣେ ବ୍ୟକ୍ତି ଅନ୍ୟ ବ୍ୟକ୍ତି ନିମନ୍ତେ ଗୋପନରେ ଦୁଆ କରେ । ତେବେ ଦେବଦୂତ କହେ, ହେ ବ୍ୟକ୍ତି ତୋ ପାଇଁ ମଧ୍ୟ ଏହିପରି ହେଉ ଅର୍ଥାତ୍ ତଥାସ୍ତୁ । ଏହା କେତେ ଉଚ୍ଚ ସ୍ତରୀୟ ପ୍ରସଙ୍ଗ ଅଟେ ! ଯଦି ଜଣେ ବ୍ୟକ୍ତିର ଦୁଆ ସ୍ୱୀକାର ନହୁଏ ତେବେ ଜଣେ ଦେବଦୂତର ଦୁଆ ତ' ଅବଶ୍ୟ ସ୍ୱୀକାର ହୋଇଥାଏ । ମୁଁ ତୁମମାନଙ୍କୁ ଉପଦେଶ ଦେଇ କହୁଛି ଏବଂ ଏହା କହି ଦେବାକୁ ଚାହେଁ ଯେ, ତୁମେମାନଙ୍କ ମଧ୍ୟରେ ମତଭେଦ ଯେପରି ନରହୁ ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ଦୁଇଟି ସମସ୍ୟା ନେଇ ଆସିଛି । **ପ୍ରଥମତଃ** ତୁମେମାନେ ଈଶ୍ୱରଙ୍କ ଏକେଶ୍ୱରବାଦ ପନ୍ଥା ଅବଲମ୍ବନ କର । **ଦ୍ୱିତୀୟତଃ** ତୁମେମାନେ ପରସ୍ପର ପ୍ରତି ପ୍ରେମ ଓ ସହାନୁଭୂତି ପ୍ରଦର୍ଶନ କର । ତୁମେମାନେ ଏପରି ଉଦାହରଣ ପ୍ରଦର୍ଶନ କର ଯେପରିକି ତୁମେମାନେ ଅନ୍ୟମାନଙ୍କ ପାଇଁ ଆଦର୍ଶ ଏବଂ ଚମତ୍କାର ପାଲଟିଯିବ । ଏହି ପ୍ରମାଣ ହିଁ ସାହାବାମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା كُنۡتُمۡ اَعۡدَآءً فَاَلَّفَ بَیۡنَ قُلُوۡبِکُمۡ **(ଆଲେ ଇମ୍ରାନ୍: 104)** ଯେତେବେଳେ କି ତୁମେମାନେ ପରସ୍ପରର ଶତ୍ରୁ ଥିଲ, ସେ ତୁମମାନଙ୍କ ହୃଦୟରେ ପ୍ରେମ ଭାବ ଜାଗ୍ରତ କରାଇଲେ । ମନେରଖ ! ପ୍ରେମଭାବ ଏକ ଅନନ୍ୟତା ଏବଂ ଏକ ଚମତ୍କାର ଅଟେ । ମନେରଖ! ଯେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଏପରି ହୋଇଯାଇ ନାହିଁ ଅର୍ଥାତ୍ ଜଣେ ବ୍ୟକ୍ତି ନିଜ ପାଇଁ ଯାହା ପସନ୍ଦ କରୁଛି ତାହା ଅନ୍ୟ ଭାଇ ପାଇଁ ମଧ୍ୟ ପସନ୍ଦ କରୁ ନାହିଁ ସେପର୍ଯ୍ୟନ୍ତ ସେ ମୋ ଜମାଅତ୍ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ହୋଇପାରିବ ନାହିଁ । ସେହି ବ୍ୟକ୍ତି ବିପତ୍ତି ମଧ୍ୟରେ ରହିଛି । ଏହାର ପରିଣାମ ଭଲ ନୁହେଁ" **(ମଲଫୁଜାତ୍, ଭାଗ-1, ପୃ-457, ପ୍ରକାଶନ ସ୍ଥାନ- କାଦିୟାନ୍, 2018 ମସିହା)** ☆--☆--☆

**ପ୍ରତ୍ୟେକ ବ୍ୟକ୍ତିର ଧନରେ ତା'ର ସଂପର୍କୀୟ ଏବଂ ଆତ୍ମୀୟ ସ୍ୱଜନଙ୍କର, ଦରିଦ୍ର ଓ ଯାତ୍ରୀମାନଙ୍କର ଅଧିକାର ରହିଛି ।**

**କୌଣସି ବ୍ୟକ୍ତିର ଧନ ତା'ର ନିଜସ୍ୱ ଖାଣ୍ଟି ଧନ ହୋଇ ନଥାଏ ବରଂ ତହିଁରେ ଅନ୍ୟମାନଙ୍କର ମଧ୍ୟ ଅଧିକାର ଅନ୍ତର୍ଭୁକ୍ତ ରହିଛି ।**

ସୟେଦିନା ହ. ମୁସ୍ଲେହ୍ ମଉଦ୍ ର.ଅ ସୁରାଃ ବନି ଇସ୍ରାଇଲ୍ର ଆୟତ୍ ସଂଖ୍ୟା 27ର ବ୍ୟାଖ୍ୟା କରି କୁହନ୍ତି: ଅର୍ଥାତ୍ وَاٰتِ ذَا الۡقُرۡبٰی حَقَّہٗ وَالۡمِسۡکِیۡنَ وَابۡنَ السَّبِیۡلِ وَلَا تُبَذِّرۡ تَبۡذِیۡرًا ର ବ୍ୟାଖ୍ୟା କରି କୁହନ୍ତି: "ପ୍ରତ୍ୟେକ ବ୍ୟକ୍ତିର ଧନରେ ତା'ର ସଂପର୍କୀୟ ଏବଂ ଆତ୍ମୀୟ ସ୍ୱଜନଙ୍କର, ଦରିଦ୍ର ଓ ଯାତ୍ରୀମାନଙ୍କର ଅଧିକାର ରହିଛି। ସଂପର୍କୀୟମାନେ ବ୍ୟକ୍ତି ବା ମନୁଷ୍ୟର ରୋଜଗାରରେ ଅନେକ ପ୍ରକାର ସାହାଯ୍ୟର କାରଣ ହୋଇଥାଆନ୍ତି । ତେଣୁ ବ୍ୟକ୍ତିର ଧନରେ ସେହି ସମସ୍ତଙ୍କର ଅଧିକାର ମଧ୍ୟ ରହିଛି । ଉଦାହରଣ ସ୍ୱରୂପ ଅଭିଭାବକମାନେ ନିଜର ଏକ ପୁତ୍ରକୁ ପାଠ ପଢାଇଲେ ଏବଂ ସେ ଏକ ଉଚ୍ଚ ପଦବୀ ପର୍ଯ୍ୟନ୍ତ ପହଞ୍ଚିଗଲା ଏବଂ

ଅନ୍ୟ ଭାଇମାନେ ଜ୍ଞାନରୁ ବଞ୍ଚିତ ରହିଲେ ତେବେ ସେହି ଭାଇ ଅର୍ଥାତ୍ ଉଚ୍ଚ ପଦରେ ଆସୀନ ଭାଇର ଧନ ସମ୍ପତ୍ତିରେ ତା'ର ଭାଇମାନଙ୍କର ମଧ୍ୟ ଅଧିକାର ରହିଛି। କାରଣ ଯେଉଁ ଟଙ୍କା ସାହାଯ୍ୟରେ ତା'କୁ ଉଚ୍ଚ ଶିକ୍ଷା ପ୍ରଦାନ କରାଯାଇଥିଲା ସେହି ଟଙ୍କାରେ ସେହି ସମସ୍ତ ଭାଇମାନଙ୍କର ମଧ୍ୟ ଅଧିକାର ରହିଛି ।"

ଅଲ୍ଲାଃତାଲା ଦରିଦ୍ର ଏବଂ ପଥିକମାନଙ୍କର ପ୍ରାପ୍ୟ ଅଧିକାର ରହିଛି ବୋଲି ପବିତ୍ର କୁରଆନ୍ କରୀମ୍‌ରେ କହିଛନ୍ତି । ଅତଏବ୍ ଏକ ସ୍ଥାନରେ ଅଲ୍ଲାଃତାଲା ଖୋଲି କହିଛନ୍ତି ଯେ, وَفِيْٓ اَمْوَالِهِمْ حَقٌّ لِّلسَّآئِلِ وَالْمَحْرُوْمِ **(ଜାରିୟାତ୍: 20)** ଏବଂ ସେମାନଙ୍କ ଧନ ସମ୍ପତ୍ତିରେ ଭିକ୍ଷୁକମାନଙ୍କର ମଧ୍ୟ ଭାଗ ରହିଥିଲା ଏବଂ ଯେଉଁମାନେ ଭିକ୍ଷାଟନ କରିପାରୁ ନଥିଲେ ସେମାନଙ୍କର ମଧ୍ୟ ଭାଗ ରହିଛି । ଅର୍ଥାତ ଏପରି ପ୍ରାଣୀ ଯେଉଁମାନେ କିଛି କହି ପାରନ୍ତି ନାହିଁ ଏବଂ ଏପରି ଭଦ୍ରଲୋକ ଯେଉଁମାନେ କିଛି ମାଗିବାକୁ ଅପମାନ ବୋଧ କରନ୍ତି। ସଂସାରରେ ଧନୀ ଦରିଦ୍ରମାନଙ୍କର ସ୍ଥିତି ସର୍ବଦା ପରିବର୍ତ୍ତନ ହୋଇଥାଏ । ଯେଉଁମାନେ ଆଜି ଦରିଦ୍ର ବିଗତ କାଲି ସେମାନେ ଧନୀକ ଥିଲେ । ସେହିପରି ଆଜି ଯେଉଁମାନେ ଧନୀକ ଅଟନ୍ତି ସେମାନେ କାଲି ଦରିଦ୍ର ଥିଲେ । ସେତେବେଳର ଧନୀକ ବ୍ୟକ୍ତିମାନେ ସେହି ଦରିଦ୍ର ବ୍ୟକ୍ତିମାନଙ୍କ ପ୍ରତି ଉତ୍ତମ ବ୍ୟବହାର ବା ଉତ୍ତମ ଆଚରଣ ପ୍ରଦର୍ଶନ କରିଥିଲେ । ଅତଏବ୍ ଯଦି ସମଗ୍ର ସଂସାରକୁ ଏକ ସାମଗ୍ରିକ ଦୃଷ୍ଟିରେ ଅବଲୋକନ କରାଯାଏ ତେବେ କୌଣସି ବ୍ୟକ୍ତିର ଧନ ସମ୍ପଦ ଖାଣ୍ଟି ଧନ ବା ଖାଣ୍ଟି ସମ୍ପତ୍ତି ହୋଇ ନଥାଏ । ବରଂ ତହିଁରେ ଅନ୍ୟମାନଙ୍କର ମଧ୍ୟ ଅଧିକାର ଅନ୍ତର୍ଭୁକ୍ତ ରହିଛି । **ଦ୍ୱିତୀୟ** କାରଣ ଏହିକି ଯେ, ସଂସାରର ସମସ୍ତ ବସ୍ତୁକୁ ଅଲ୍ଲାଃତାଲା ମାନବଜାତି ନିମନ୍ତେ ସାମୂହିକ ହିସାବରେ ସୃଷ୍ଟି କରିଛନ୍ତି । ନା କି ଅଲ୍ଲାଃତାଲା କେବଳ ଜୈଦ୍ କିମ୍ବା ବକରଙ୍କ ସକାଶେ ବସ୍ତୁକୁ ସୃଷ୍ଟି କରିଛନ୍ତି । ଅତଏବ୍ ଜୈଦ୍ ଏବଂ ବକର୍ କୌଣସି କାରଣ ବଶତଃ ଧନବାନ୍ ହୋଇଯାଇଛନ୍ତି ତେବେ ଏହି ଧନବାନ୍ ହେବା ଦ୍ୱାରା ଅନ୍ୟ ଲୋକମାନଙ୍କର ଅଧିକାର ଅସତ୍ୟ ଏବଂ ଅବୈଧ ସାବ୍ୟସ୍ତ ହୋଇଯିବା ନାହିଁ । ଏହି ଲୋକମାନେ ସାଂସାରିକ ବସ୍ତୁ ଯଥା ଧନ ସମ୍ପତ୍ତିରେ ଜୈଦ୍ ଓ ବକରଙ୍କ ସହିତ ସାମିଲ୍ ଅଟନ୍ତି । ନିଃସନ୍ଦେହ ରୂପେ ବିଶେଷ ପରିଶ୍ରମ ଦୃଷ୍ଟିରୁ ଇସ୍‌ଲାମ୍ ଧର୍ମ ଜୈଦ୍ ଓ ବକର୍‌ଙ୍କର ଅଧିକ ଅଧିକାରକୁ ସ୍ୱୀକାର କରିଥାଏ । କିନ୍ତୁ ଅନ୍ୟ ଲୋକମାନେ ରୋଜଗାର ନକରି, ବିଶେଷ ପରିଶ୍ରମ ନକରି, ମାଲିକ ନହୋଇ ମଧ୍ୟ ସେମାନଙ୍କୁ କରୁଆନ୍ ପର ବୋଲି ମନେକରେ ନାହିଁ ।

ପଥିକ ତଥା ଯାତ୍ରୀମାନଙ୍କର ଅଧିକାର ଏହିପରି ଯେ, ଯେତେବେଳେ ପଥିକ ଯାତ୍ରୀ ଅନ୍ୟ ସ୍ଥାନ ଆଡ଼କୁ ଯାଇଥାଏ ସେତବେଳେ ଜୈଦ ଓ ବକର୍ ପଥିକ ଯାତ୍ରୀ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରିଥାଆନ୍ତି। ଅତଏବ୍ ଅନ୍ୟ ସ୍ଥାନ ବା ଅନ୍ୟ ଅଞ୍ଚଳର ପଥିକ ଯାତ୍ରୀର ସେବା କରିବା ମଧ୍ୟ ବ୍ୟକ୍ତି ଉପରେ ଅପରିହାର୍ଯ୍ୟ ଅଟେ । କାରଣ ଆତିଥ୍ୟତା (ଅତିଥି ସତ୍କାରକତାର) ଅଧିକାର ସମ୍ପାଦନ ହେଉଥାଉ । ୱବ୍‌ନିସ୍ ସବିଲ୍‌ର ଅଧିକାର ସମ୍ପାଦନ ସଂକ୍ରାନ୍ତରେ ମଧ୍ୟ ଆଁହଜରତ ସ.ଅ କହିଲେ,ଯେତେବେଳେ ତୁମେମାନେ କୌଣସି ବସ୍ତିକୁ ଯାଅ ସେତେବେଳେ 3 ଦିନ ପର୍ଯ୍ୟନ୍ତ ତୁମମାନଙ୍କୁ ଆତିଥ୍ୟତା ଅଧିକାର ପ୍ରାପ୍ତ ହେବ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ବସ୍ତି ବାସୀନ୍ଦା ଆମମାନଙ୍କର ଅଧିକାର ତଥା ଆମମାନଙ୍କର ଆତିଥ୍ୟ କର୍ତ୍ତବ୍ୟ ସମ୍ପାଦନ ନକରନ୍ତି ତେବେ ସେସ୍ଥଳେ ଆମେମାନେ କ'ଣ କରିବୁ ? ଆପଣ ସ.ଅ କହିଲେ, ଯଦି ବସ୍ତି ବାସୀନ୍ଦା ତୁମମାନଙ୍କର ଆତିଥ୍ୟତା ବା ଅତିଥି ସତ୍କାର ନକରନ୍ତି ତେବେ ସେପରିପ୍ରେକ୍ଷୀରେ ତୁମେ ସେମାନଙ୍କ ଠାରୁ ଜୋର ଜବରଦସ୍ତ କରି ନିଜର ଅତିଥି ସେବା କରାଇ ପାରିବ । ଉପରୋକ୍ତ ଆଦେଶବଳୀ ସେହି ସମୟ ନିମନ୍ତେ ଉଦ୍ଦିଷ୍ଟ ଯେତେବେଳେ ଇସ୍‌ଲାମୀୟ ସଂସ୍କୃତି ଜାରି ହେବ । କାରଣ ଏହି ଦିନମାନଙ୍କରେ ଅନ୍ୟ ଲୋକମାନେ ତହିଁରୁ (ଆଦେଶାବଳୀରୁ) ଆତିଥ୍ୟତାର ଅଧିକାର ପ୍ରାପ୍ତ କରି ପାରିବେ । ଉପରୋକ୍ତ ଆଦେଶାବଳୀକୁ ଯଦି ସଂସାରରେ ଜାରି କରାଯାଏ ତେବେ ଅନେକ ତ୍ରୁଟି ଯାହାକି ହୋଟେଲ୍ ଏବଂ ପାନ୍ଥଶାଳା, ଯାତ୍ରୀମାନଙ୍କର ରହଣୀ ସ୍ଥାନ ଯୋଗୁଁ ସୃଷ୍ଟି ହୋଇଛି ସେହି ସବୁ ସମସ୍ୟା ଏବଂ ତ୍ରୁଟିଗୁଡ଼ିକ ଦୂରୀଭୁତ ହୋଇଯିବ ଓ ଦରିଦ୍ରମାନଙ୍କ ନିମନ୍ତେ ମଧ୍ୟ ସଂସାରର ଯାତ୍ରା ଯାହାକି ସର୍ବୋଚ୍ଚ ସଂସ୍କାରର ଏକ ମାଧ୍ୟମ ଅଟେ ତାହା ସହଜ ହୋଇଯିବ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ମୁସଲମାନମାନେ ସ୍ୱୟଂ ଉକ୍ତ ଆଦେଶାବଳୀକୁ ପାସୋରି ଦେଇଛନ୍ତି ।

ଯାତ୍ରୀମାନଙ୍କ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାର ଏହି ସର୍ବସାଧାରଣ ଆଦେଶ ସଂସାରରୁ ଅନେକ ଉପଦ୍ରବକୁ ସମାପ୍ତ କରିବାର କାରଣ ସାଜିବ । କାରଣ କଳି ଝଗଡ଼ା ଘୃଣା ଯୋଗୁଁ ସୃଷ୍ଟି ହୋଇଥାଏ । ଯଦି ଏହିପରି ଅତିଥି ସତ୍କାରକର ବ୍ୟବସ୍ଥା ପ୍ରଚଳିତ ଥାଏ ତେବେ ଘୃଣା ଏବଂ ଦ୍ୱେଷାଭାବ ଦୂରୀଭୂତ ହୋଇଯିବ ଏବଂ ଗ୍ରାମ, ଦେଶ ମଧ୍ୟରେ ଥିବା କଳହ, ବିବାଦ ଓ ଝଗଡ଼ା ସମାପ୍ତ ହୋଇଯିବ। ଯେଉଁ ଲୋକମାନେ ଅନ୍ୟ ରାଷ୍ଟ୍ରରେ ରହି ସେହି ରାଷ୍ଟ୍ରର ଅତିଥି ସତ୍କାରକରୁ ଲାଭାନ୍ୱିତ ହୋଇ ସାରିଛନ୍ତି ସେମାନେ କେବେ ବି ଶୀଘ୍ର ସେହି ରାଷ୍ଟ୍ର ବିପକ୍ଷରେ ଯୁଦ୍ଧ କରିବା ନିମନ୍ତେ ରାଜି ହେବେ ନାହିଁ । କିନ୍ତୁ ଯେଉଁମାନେ ଦୁଷ୍ପ୍ରକୃତିର ଏବଂ ଖଳ ତଥା ମନ୍ଦାତ୍ମା ସ୍ୱଭାବର ବ୍ୟକ୍ତି ଅଟନ୍ତି ସେମାନେ ଅପେକ୍ଷାକୃତ ଉତ୍ତମ ସ୍ୱଭାବ ବ୍ୟକ୍ତିମାନଙ୍କ ତୁଳନାରେ ଅନ୍ୟ ରାଷ୍ଟ୍ର ସହିତ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହୋଇଯିବେ ।

ଏହିପରି ଭାବରେ ଉପରୋକ୍ତ ଆଦେଶାବଳୀ ଦ୍ୱାରା ଗ୍ରାମ ଏବଂ ପ୍ରାନ୍ତୀୟ ବ୍ୟବସ୍ଥାର ମୂଳଦୁଆ ମଧ୍ୟ ପଡ଼ିଥାଏ। କାରଣ ଅତିଥି ସତ୍କାର ସମଗ୍ର ଗ୍ରାମ ଉପରେ ଅନିର୍ବାର୍ଯ୍ୟ ତଥା ବାଧ୍ୟତାମୂଳକ କରି ଦିଆଯାଇଛି । ଅତଏବ୍ ଉକ୍ତ (ଏହି) ଆଦେଶାବଳୀକୁ ସଂପୂର୍ଣ୍ଣ କରିବା ନିମନ୍ତେ ପ୍ରତ୍ୟେକ ଗ୍ରାମବାସୀ ଏପରି ଏକ ଶାସନବ୍ୟବସ୍ଥାର ଆଜ୍ଞା ପାଳନ କରିବାକୁ ବାଧ୍ୟ ହେବେ ଯେଉଁ ଶାସନବ୍ୟବସ୍ଥା ଅଧୀନ ସମଗ୍ର ଗ୍ରାମ ଅତିଥିମାନଙ୍କର ସେବା କରିବାକୁ ସକ୍ଷମ ହୋଇପାରିବ। ଏହି ବ୍ୟବସ୍ଥା ସେମାନଙ୍କର ଅନ୍ୟ କାର୍ଯ୍ୟମାନଙ୍କରେ ମଧ୍ୟ ଉପକାରୀ ବା ଲାଭଦାୟକ ସାବ୍ୟସ୍ତ ହେବ ।

لَا تُبَذِّرْ ଅର୍ଥାତ୍ ଉପରୋକ୍ତ ଆଦେଶାବଳୀରେ ଧନ ବ୍ୟୟ କରିବା ନିମନ୍ତେ ଯେଉଁ ଉପଦେଶ ପ୍ରଦାନ କରାଯାଇଛି ତାହାର ଏହି ଅର୍ଥ ନମନେକରାଯାଉ ଯେ, ଧନକୁ ଅଯଥାରେ ଅପଚୟ କରିଦେବା ଉଚିତ୍ । ଅଲ୍ଲାଃତାଲା କୁହନ୍ତି ଯେ, ଆମ୍ଭେମାନେ ସେମାନଙ୍କୁ ସେହି ଆଦେଶାବଳୀର ଆଦେଶ ଦେଇଛି ଯାହା ସେମାନଙ୍କ ନିମନ୍ତେ ଆବଶ୍ୟକ ଅଟେ । ଅଯଥାରେ ଧନ ବ୍ୟୟ କରିବା ନିମନ୍ତେ ଆମେମାନେ ସେମାନଙ୍କୁ ଆଦେଶ ଦେଇ ନାହୁଁ । **(ତଫସିର୍ କବିର୍, ଭାଗ-4, ପୃ-323, ପ୍ରକାଶନ ସ୍ଥାନ କାଦିୟାନ୍, 2010 ମସିହା)**

☆--☆--☆

## ବିଗତ ସଂଖ୍ୟା-19 ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା-21-3-2025ର ଅବଶିଷ୍ଟାଂଶ....

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏ ହେଉଛି ସେହି କଥା, ଏ ହେଉଛି ରସୁଲୁଲ୍ଲାଃ ସ.ଅଙ୍କ ପ୍ରତି ସେହି ପ୍ରେମ ଏବଂ ଆନ୍ତରୀକତା ଯଦ୍ଦ୍ୱାରାକି ଅଲ୍ଲାଃତାଲା ଆପଣ ଅ.ସଙ୍କୁ ଉକ୍ତ କାର୍ଯ୍ୟ ନିମନ୍ତେ ଅବତୀର୍ଣ୍ଣ (ପ୍ରେରଣ) କଲେ । କାରଣ ଇସ୍‌ଲାମ୍ ଧର୍ମର ପୁନରୁତ୍ଥାନ ନିମନ୍ତେ ବର୍ତ୍ତମାନ ଆପଣ ଅ.ସ ହିଁ ସେହି ବ୍ୟକ୍ତି ଅଟନ୍ତି ଯିଏ ନିଜର ଭୂମିକା ନିର୍ବାହ କରିବେ ଓ ଅଲ୍ଲାଃତାଲା ଆପଣ ଅ.ସଙ୍କୁ କହିଲେ, ବର୍ତ୍ତମାନ ସେହି ପ୍ରେମ ତଥା ଆନ୍ତରୀକତା ଯୋଗୁଁ ମୁଁ (ଅଲ୍ଲାଃତାଲା) ତୁମ୍ଭକୁ (ହ. ମସିହ୍ ମଉଦ୍ ଅ.ସଙ୍କୁ) ଏକ ମର୍ଯ୍ୟାଦା ପ୍ରଦାନ କରୁଛି ଯେ, ତୁମ୍ଭେ ହିଁ ସେହି ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀ ଅଟ ଏବଂ ହେ ମସିହ୍ ! ତୁମ୍ଭେ ନିଜକୁ ମସିହ୍ ଓ ମେହ୍‌ଦୀ ହେବାର ଘୋଷଣା କରିଦିଅ । ଅଲ୍ଲାଃତାଲା କହିଲେ, ଏହି ଶେଷ ଯୁଗରେ ଇସ୍‌ଲାମ୍ ଧର୍ମର ପୁନୁରୁତ୍ଥାନର ଯେଉଁ ପ୍ରତିଶୃତି ରହିଥିଲା ତାହାକୁ ମୁଁ ପୂର୍ଣ୍ଣ କରୁଛି ଏବଂ ତୁମ ଉପରେ ମୁଁ ଉକ୍ତ ଦାୟିତ୍ୱ ନ୍ୟସ୍ତ କରୁଛି। ଅତଏବ୍ ଏହିସବୁ କାର୍ଯ୍ୟ ରହିଥିଲା ଯେଉଁ କାର୍ଯ୍ୟ ନିମନ୍ତେ ହ. ମସିହ୍ ମଉଦ୍ ଅ.ସ ପ୍ରେରିତ ହୋଇଥିଲେ ଏବଂ ଜନ୍ମଗ୍ରହଣ କିରଥିଲେ । ଆପଣ ଅ.ସ ଏହିସବୁ କର୍ତ୍ତବ୍ୟକୁ ଅତ୍ୟନ୍ତ ସୁଚାରୁ ରୂପେ ସମ୍ପାଦନ କଲେ । ଆପଣ ଅ.ସ ନିଜ ଜମାଅତ୍‌କୁ ଉପଦେଶ ଦେଇ କୁହନ୍ତି: "ହେ ମୋ ଜମାଅତ୍‌ର ସଦସ୍ୟବୃନ୍ଦ! ଯେତେବେଳେ ତୁମେମାନେ ମୋ ହସ୍ତରେ ବୈଅତ୍ କରି ନେଇଛ ସେତେବେଳେ ତୁମେମାନେ ଏକଥା ମଧ୍ୟ ସ୍ମରଣ (ମନେରଖ) ରଖ କି ଅଲ୍ଲାଃତାଲା ତ' ଏହା କହିଛନ୍ତି ଯେ, ମସିହ୍ ମଉଦ୍ ଅ.ସଙ୍କ ସହିତ ସାହାବାମାନଙ୍କ ପରି ଲୋକମାନେ ହେବେ । ଅତଏବ୍ ଯେତେବେଳେ ଅଲ୍ଲାଃତାଲାଙ୍କର ଏହି ଆଦେଶ ରହିଛି ସେତେବେଳେ ଯେଉଁମାନେ ମୋର ବୈଅତ୍ କରିଛନ୍ତି, ଯେଉଁମାନେ ଏହି ଅଙ୍ଗୀକାର କରିଛନ୍ତି ଯେ, ସେମାନେ ଆଁହଜରତ ସ.ଅଙ୍କ ପାଇଁ ସୁନାମ ଆଣିଦେବେ ଏବଂ ଇସ୍‌ଲାମ ଧର୍ମର ନାମକୁ ଆଲୋକିତ ତଥା ଉଜ୍ଜ୍ୱଳ କରିଦେବେ (ଇସ୍‌ଲାମ୍ ଧର୍ମ ପାଇଁ ସୁନାମ ଆଣିଦେବେ) ଓ ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍‌କୁ ସଂସାରର ପ୍ରତ୍ୟେକ ପ୍ରାନ୍ତ ପର୍ଯ୍ୟନ୍ତ ପହଞ୍ଚାଇଦେବେ ତେବେ ସେପରିପ୍ରେକ୍ଷୀରେ ଜମାଅତ୍‌ର ସେହି ସଦସ୍ୟବୃନ୍ଦଙ୍କୁ ସାହାବାମାନଙ୍କ ପରି ସେହି ଆଚରଣ ମଧ୍ୟ ପ୍ରଦର୍ଶନ କରିବାକୁ ହେବ ଓ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାହାବାମାନଙ୍କ ପରି ହେବାକୁ ପଡ଼ିବ । ସାହାବାମାନଙ୍କ ପରି ଆଚରଣ ଅବଲମ୍ବନ କରିବାକୁ ପଡ଼ିବ । ଆପଣ ଅ.ସ ଏହାର

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

(ଖୁତ୍‌ବା ଜୁମା)

**ଆମେମାନେ ଯଦି ସଠିକ୍ ଭାବରେ ଦୁଆର କର୍ତ୍ତବ୍ୟ ନିର୍ବାହ କରି ଦୁଆ କରିବା ପ୍ରତି ଧ୍ୟାନ ଦେବୁ ତାହାହେଲେ ଯାଇ ଆମେମାନଙ୍କୁ ସଫଳତା ପ୍ରାପ୍ତ ହେବ......ଆମମାନଙ୍କର ଅସ୍ତ୍ର ତ' କେବଳ ଦୁଆ ହିଁ ରହିଛି ।"**

— — — — — — — — — — — — — — — — — — — —

ହ. ଉସ୍ୱାମା ବିନ୍ ଜୈଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, لَا إِلٰهَ إِلَّا الله କହିବା ସତ୍ତ୍ୱେ ଜଣେ ଯୋଦ୍ଧାକୁ ହତ୍ୟା କେରିଦେବାର ଘଟଣା ଶୁଣି ନବୀ କରୀମ୍ ସ.ଅ ମୋତେ କହିଲେ: "أَفَلَا شَقَقْتَ عَنْ قَلْبِهِ حَتَّى تَعْلَمَ أَقَالَهَا أَمْ لَا ଅର୍ଥାତ୍ ହେ ଉସ୍ୱାମା ! ତୁମେ ସେହି ବ୍ୟକ୍ତିର ଛାତିକୁ ଚିରି ଦେଲ ନି କାହିଁକି ? ତୁମେ ସେହି ବ୍ୟକ୍ତିର ଛାତି ଚିରି ଦେଖି ନାଇଥାଆନ୍ତ ଓ ଜାଣିନେଇ ଥାଆନ୍ତି ଯେ, ସେହି ବ୍ୟକ୍ତି ଜଣକ୍ ଉକ୍ତ ବାଣୀ ଅର୍ଥାତ୍ ଲା ଇଲାହା ଇଲ୍ଲାହୁ ହୃଦୟରୁ କହିଥିଲା ଅବା ନୁହେଁ ?" ଆପଣ ସ.ଅ ମୋ ସମ୍ମୁଖରେ ଉକ୍ତ କଥାକୁ ବରମ୍ବାର ପୁନରାବୃତ୍ତି କଲେ । ଏପର୍ଯ୍ୟନ୍ତକି ମୁଁ ଏହି କାମନା କଲି କେ ହେ ପ୍ରଭୁ ! ମୁଁ ଆଜି ହିଁ ଇସଲାମ୍ ଧର୍ମ ଗ୍ରହଣ କରିଥାଆନ୍ତି କି ?

— — — — — — — — — — — — — — — — — — — —

ଆଜିକାଲିକା ମୌଲବୀମାନେ ଏହା ଭାବୁଛନ୍ତି ଯେ, ସେମାନେ ଅହେମଦିମାନଙ୍କ ଛାତି ଚିରି ଦେଖି ନେଇଛନ୍ତି । ତେଣୁ ଅହେମଦିମାନଙ୍କୁ ଶହୀଦ୍ କରିବା ଏବଂ ସେମାନଙ୍କ ଉପରେ ଅତ୍ୟାଚାର କରିବା ବୈଧ ଅଟେ । ଅଲ୍ଲାଃତାଲା ସେହି ଅତ୍ୟାଚାରୀମାନଙ୍କର ଧର ପକଡ଼ କରିବା ପାଇଁ ଯଥାଶୀଘ୍ର ବ୍ୟବସ୍ଥା କରନ୍ତୁ ।

— — — — — — — — — — — — — — — — — — — —

ଆଜିକାଲିକା ଏହି ମୌଲବୀମାନେ ଏବଂ ସେମାନେଙ୍କର ଶିଷ୍ୟ ସହଚରମାନେ ଯେଉଁମାନେ ପାକିସ୍ତାନର ବାସ କରନ୍ତି ସେମାନେ ସ୍ୱର୍ଗକୁ ଯିବା ନିମନ୍ତେ ବଡ଼ ବଡ଼ କଥା କହୁଛନ୍ତି । ଅର୍ଥାତ୍ ସେହି ମୌଲବୀମାନେ ସାଧାରଣ ଲୋକମାନଙ୍କୁ ଏହା କହୁଛନ୍ତି ଯେ, ଯଦି ତୁମେମାନେ ଅହେମଦିମାନଙ୍କୁ ହତ୍ୟା କର ତେବେ ତୁମେମାନେ ସ୍ୱର୍ଗପୁରକୁ ଚାଲିଯିବ । କିନ୍ତୁ ସେମାନଙ୍କୁ ଜଣା ନାହିଁ ଯେ, ସେମାନଙ୍କର ଏହି କର୍ମ ସେମାନଙ୍କୁ ଅଲ୍ଲାଃତାଲାଙ୍କ ଶାସ୍ତିର ଅଧିକାରୀ କରିଦେବ । କେବେ ନା କେବେ ଅଲ୍ଲାଃତାଲା ସେମାନଙ୍କୁ ଧରିବେ ଏବଂ ସେମାନଙ୍କୁ ଅବଶ୍ୟ ଦଣ୍ଡିତ କରିବେ ।

— — — — — — — — — — — — — — — — — — — —

**ସନ୍ 7 ହିଜ୍ରୀ ଏବଂ 8 ହିଜ୍ରୀରେ ଘଟିଥିବା ଯୁଦ୍ଧ ଏବଂ ସରାୟା (କ୍ଷୁଦ୍ର ଯୁଦ୍ଧ ବା ଯେଉଁ ଯୁଦ୍ଧରେ ଆଁହଜରତ ସ.ଅ ସାମିଲ୍ ହୋଇ ନଥିଲେ)ର ପୃଷ୍ଠଭୂମିରେ ନବୀ କରୀମ୍ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚାର ବର୍ଣ୍ଣନା ।**

— — — — — — — — — — — — — — — — — — — —

ସାଂପ୍ରତିକ ସମୟରେ ପାକିସ୍ତାନରେ ଅହେମଦିମାନଙ୍କ ବିରୁଦ୍ଧରେ ବିରୋଧାତ୍ମକ ଲହରୀକୁ ଦୃଷ୍ଟି ସମ୍ମୁଖରେ ରଖି ହୁଜୁର ଅନୱର୍ ଅ.ବଙ୍କ ଜମାଅତ୍ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ।

— — — — — — — — — — — — — — — — — — — —

**18 APRIL 2025 ମସିହା ଅନୁଯାୟୀ ୧୮ ଶାହଦତ୍ ୧୪୦୪ ହିଜ୍ରୀ ଶମ୍ଶୀ, ସ୍ଥାନ-ମସ୍ଜିଦ୍ ମୁବାରକ ଇସ୍ଲାମାବାଦ୍ ଟେଲ୍ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍ଫଜଲ୍ ଲଣ୍ଡନ୍ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ ସ.ଅଙ୍କ କାଳର ବିଭିନ୍ନ ଅଭିଯାନର ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଆଜି ଏକ ସରୀୟାର ଚର୍ଚ୍ଚା କରିବି। ସେହି ସରୀୟାଟି ହେଲା ସରୀୟା ହ. ଉମର୍ ବିନ୍ ଖତ୍ତାବ୍ ର.ଅ ତୁରବା ଅଭିମୁଖେ (ଆଡ଼କୁ) । ଉକ୍ତ ସରୀୟା ଶାବାନ୍ 7 ହିଜ୍ରୀରେ ହୋଇଥିଲା । ତୁରବା ମଦିନା ଠାରୁ ପ୍ରାୟ 333 ମାଇଲ୍ ବ୍ୟବଧାନରେ ସନ୍ଆ ଏବଂ ନଜ୍ରାନର ରାଜମାର୍ଗରେ ଅବସ୍ଥିତ ଅଟେ । **(ଅତ୍ତବ୍କାତୁଲ୍ କୁବ୍ରା ଲିଇବ୍ନି ସାଆଦ୍, ଭାଗ-2, ପୃ-89-90, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତରୁ ଉଦ୍ଧୃତ) (ଗଜ୍ୱାତ୍ ୱ ସରାୟା, ଲେଖକ-ମୁହମ୍ମଦ୍ ଅଜ୍ହର୍ ଫରିଦ୍ ଶାହ୍, ପୃ-391, ଫରିଦ୍ ପବ୍ଲିଶର୍ସ, ସାହିୱାଲ୍)**

ହ. ଉମର୍ ର.ଅ ଯେତେବେଳେ ପ୍ରସ୍ଥାନ କଲେ ସେତେବେଳେ ଆପଣ ର.ଅଙ୍କ ସହିତ ଜଣେ ଗାଇଡ୍ (ମାର୍ଗଦର୍ଶକ ବ୍ୟକ୍ତି) ଥିଲା । ସାହାବାମାନେ ରାତ୍ର ସମୟରେ ଯାତ୍ରା କରୁଥିଲେ ଏବଂ ଦିନବେଳା ଲୁଚି ରହୁଥିଲେ । ତରବାବାସୀଙ୍କୁ ହ. ଉମର୍ ର.ଅଙ୍କ ଆଗମନର ଯେତେବେଳେ ସୂଚନା ମିଳିଲା ସେତେବେଳେ ସେମାନେ ସେଠାରୁ ପଳାୟନ କଲେ । ହ. ଉମର୍ ର.ଅ ସେମାନଙ୍କ ଅଞ୍ଚଳରେ ପହଞ୍ଚିଲେ । କିନ୍ତୁ ସେଠାରେ କେହି ନଥିଲେ । ବରଂ ତରବାବାସୀଙ୍କୁ ଉଚ୍ଚ ସ୍ଥାନରେ ଚଢି ଯାଇଥିବାର ଦେଖିବାକୁ ପାଇଲେ । ଅର୍ଥାତ୍ ସେମାନେ ପାହାଡ଼ ଉପରକୁ ଚଢି ଯାଇଥିଲେ ଏବଂ ନିଜର ସମସ୍ତ ଧନ ଏବଂ ଗୃହ ପାଳିତ ପଶୁମାନଙ୍କୁ ମଧ୍ୟ ସେମାନେ ନିଜ ସହିତ ପର୍ବତ ଉପରକୁ ନେଇ ଯାଇଥିଲେ । ହ. ଉମର୍ ର.ଅ ଏହା ଦେଖି ମଦିନା ଆଡ଼କୁ ଫେରି ଆସିଲେ । ଆପଣ ର.ଅ ଯେତେବେଳେ ଜୁଲ୍ ଜଦର୍ ନାମକ ସ୍ଥାନରେ ପହଞ୍ଚିଲେ ସେତେବେଳେ ବନୁ ହିଲାଲ୍ ସଂପ୍ରଦାୟର ଜଣେ ବ୍ୟକ୍ତି କହିଲା, ହେ ଉମର୍ ! କ'ଣ ତୁମେ ଆଉ ଏକ ଗୋଷ୍ଠୀ ଉପରେ ଆକ୍ରମଣ କରିବ କି ଯେଉଁ ଗୋଷ୍ଠୀ ବନୁ ଖସ୍ଅମ୍ ସଂପ୍ରଦାୟ ମଧ୍ୟରୁ ଅନ୍ୟତମ ସଂପ୍ରଦାୟ ଅଟେ ? ଜୁଲ୍ ଜଦର୍ କୁବାର ଆଖପାରେ ମଦିନା ଠାରୁ 6,7 ମାଇଲ୍ ବ୍ୟବଧାନରେ ଅବସ୍ଥିତ ଏକ ଚାରଣଭୂମି ଅଟେ । ବନୁ ଖସ୍ଅମ୍ ସଂପ୍ରଦାୟର ଲୋକମାନେ ଦୁର୍ଭିକ୍ଷ (ମରୁଡ଼ି) ଯୋଗୁଁ ନିଜ ଅଞ୍ଚଳ ଛାଡ଼ି ଜୁଲ୍ ଜଦର୍ ଠାକୁ ଚାଲି ଆସିଥିଲେ । ହ. ଉମର୍ ର.ଅ କହିଲେ, ରସୁଲୁଲ୍ଲାଃ ସ.ଅ ମୋତେ ଏହି ଆଦେଶ ଦେଇ ନାହାନ୍ତି ଯେ, ମୁଁ ଏମାନଙ୍କ ଉପରେ ଆକ୍ରମଣ କରିବି ! ଆପଣ ସ.ଅ ମୋତେ କେବଳ ଏତିକି ଆଦେଶ ଦେଇଛନ୍ତି ଯେ, ହେ ଉମର୍ ! ତୁମେ ତୁରବା ନାମକ ସ୍ଥାନରେ ହୱାଜିନ୍ ସଂପ୍ରଦାୟ ସହିତ ଜିହାଦ୍ କର । ଏତଦ୍ପରେ ହ. ଉମର୍ ର.ଅ ମଦିନା ଫେରି ଆସିଲେ । **(ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍ନିୟାହ୍, ଭାଗ-3, ପୃ-305, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)(ଜୀବନୀ ଶବ୍ଦକୋଷ, ପୃ-85, ଜୱାର୍ ଏକାଡ଼େମୀ କରାଚୀ)**

କାରଣ ଏହି ଲୋକମାନେ ହିଁ ଉପଦ୍ରବକାରୀ ଥିଲେ । ଏଠାରେ ଯେଉଁ ଆରୋପ ଲଗାଯାଏ ଯେ, ମୁସଲମାନମାନେ କୌଣସି କାରଣ ନଥାଇ ଆକ୍ରମଣ କରିଥିଲେ । ଏହା ମଧ୍ୟ ଭୁଲ୍ ବୋଲି ପ୍ରମାଣିତ ହୋଇଯାଇଥାଏ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଏକ ସରୀୟା ରହିଛି । ଉକ୍ତ ସରୀୟାଟି ହେଲା ହ. ବଶୀର୍ ବିନ୍ ସାଆଦ୍ ର.ଅ ଫଦକ୍ ଠାରେ ବନୁ ମୁର୍ରାହ୍ ସଂପ୍ରଦାୟ ଆଡ଼କୁ । ଉକ୍ତ ସରୀୟା ଶାବାନ୍ 7 ହିଜ୍ରୀରେ ହ. ବଶୀର୍ ବିନ୍ ସାଆଦ୍ ର.ଅଙ୍କ ନେତୃତ୍ୱରେ ହୋଇଥିଲା । ହ. ବଶୀର୍ ର.ଅଙ୍କ ଗୋତ୍ର ନୁମାନ୍ ଥିଲା । ସାଆଦ୍ ବିନ୍ ସାଆଲ୍ବା ତାଙ୍କର ପିତାଶ୍ରୀ ଥିଲେ । ଖଜ୍ରଜ୍ ସଂପ୍ରଦାୟ ସହିତ ହ. ସାଆଦ୍ ର.ଅଙ୍କ ସଂପର୍କ ଥିଲା । ହ. ବଶୀର୍ ବିନ୍ ସାଆଦ୍ ର.ଅ ଅଶିକ୍ଷିତ ଯୁଗରେ ଲେଖାପଢା ଜାଣିଥିଲେ । ଏ ହେଉଛି ସେହି କାଳ ଯେତେବେଳେ ଆରବରେ ଖୁବ୍ କମ୍ ଲୋକ ଲେଖାପଢା ଜାଣିଥିଲେ । ହ. ବଶୀର୍ ବିନ୍ ସାଆଦ୍ ର.ଅ ବୈଅତେ ଅକ୍ବା ସାନିୟାରେ 70 ଜଣ ଅନ୍ସାର୍ମାନଙ୍କ ସହିତ ସାମିଲ୍ ହୋଇଥିଲେ । ଆପଣ ର.ଅ ଅର୍ଥାତ୍ ହ. ବଶୀର୍ ବିନ୍ ସାଆଦ୍ ର.ଅ ବଦର୍, ୱହୋଦ୍, ଖନ୍ଦକ୍ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ଆଁହଜରତ ସ.ଅଙ୍କ ସହିତ ସାମିଲ୍ ହୋଇଥିଲେ । ହ. ବଶୀର୍ ବିନ୍ ସାଆଦ୍ ର.ଅ ଅନ୍ସାରଙ୍କ ମଧ୍ୟରୁ ପ୍ରଥମ ବ୍ୟକ୍ତି ଥିଲେ ଯିଏ ହ. ଅବୁ ବକ୍କର ସିଦ୍ଦିକ୍ ର.ଅଙ୍କ ହସ୍ତରେ ସକିଫା ବନୁ ସାଆଦା ଦିନ ବୈଅତ୍ କରିଥିଲେ । ହ. ଅବୁ ବକ୍କର୍ ସିଦ୍ଦିକ୍ ର.ଅଙ୍କ ଖିଲାଫତ୍ କାଳରେ 12 ହିଜ୍ରୀରେ ହ. ବଶୀର୍ ବିନ୍ ସାଆଦ୍ ର.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଐନୁତ୍ ତମ୍ରି ଯୁଦ୍ଧରେ ସାମିଲ୍ ହୋଇଥିଲେ ଏବଂ ଉକ୍ତ ଯୁଦ୍ଧରେ ଆପଣ ବୀରଗତି (ଶହୀଦ୍) ପ୍ରାପ୍ତ କରିଥିଲେ । **(ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍ନିୟାହ୍, ଭାଗ-3, ପୃ-305-306, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ଅଲ୍ ଇସ୍ତିଆବ୍, ଭାଗ-1, ପୃ-252-253, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଐନୁତ୍ ତମ୍ରୀର ପରିଚୟ ଏହିପରି ଯେ, ଏହା କୁଫା ନିକଟବର୍ତ୍ତୀ ଏକ ସ୍ଥାନ ଅଟେ । ମୁସଲମାନମାନେ 12 ହିଜ୍ରୀରେ ହ. ଅବୁ ବକ୍କର ର.ଅଙ୍କ ଖିଲାଫତ୍ ଶାସନ କାଳରେ ଉକ୍ତ ଅଞ୍ଚଳକୁ ଜୟ କରିଥିଲେ । **(ମୁଉଜିମୁଲ୍ ବଲ୍‌ଦାନ୍, ଭାଗ-4, ପୃ-199)**

ହୁଜୁର ଅନୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ସରୀୟା ସଂପର୍କରେ ମୁଁ ପୂର୍ବେ ଯେଉଁ କଥା ବର୍ଣ୍ଣନା କରୁଥିଲି ତାହାର ସବିଶେଷ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି: "ରସୁଲୁଲ୍ଲାଃ ସ.ଅ ହ. ବଶୀର୍ ବିନ୍ ସାଆଦ୍ ର.ଅଙ୍କୁ 30 ଜଣ ସାହାବାଙ୍କ ସହିତ ଫଦକ୍‌ର ବନୁ ମୁର୍‌ରାହ୍ ସଂପ୍ରଦାୟ ଆଡ଼କୁ ପ୍ରେରଣ କଲେ । ଫଦକ୍ ମଦିନା ଠାରୁ 6 ରାତ୍ର ବ୍ୟବଧାନରେ ଖୈବର୍ ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଅଟେ। ଏକଥା ସ୍ପଷ୍ଟ ହେଉ କି ଯେପରି ପୂର୍ବେ ଚର୍ଚ୍ଚା ହୋଇ ସାରିଛି ଯେ, ଆଁହଜରତ ସ.ଅ ସେହି ଅଭିଯାନ ଅବା ଯୁଦ୍ଧ ନିମନ୍ତେ ସେତେବେଳେ କୌଣସି ଏକ ସୈନ୍ୟ ଟୁକୁଡ଼ିକୁ ପ୍ରେରଣ କରୁଥିଲେ । ଅର୍ଥାତ୍ ଆଁହଜରତ ସ.ଅଙ୍କୁ ଯେତେବେଳେ ଏହି ସୂଚନା ମିଳୁଥିଲା କି ଲୋକମାନେ ଇସ୍‌ଲାମ୍ ଧର୍ମ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛନ୍ତି ସେତେବେଳେ ଆପଣ ସ.ଅ ଏକ ସୈନ୍ୟବାହିନୀକୁ ସେହି ଶତ୍ରୁମାନଙ୍କ ଆଡ଼କୁ ପ୍ରେରଣ କରୁଥିଲେ । ସେ ଯାହା ହେଉ ସାହାବାମାନେ ବାହାରିଲେ ଏବଂ ଛେଳୀ ଚରାଳୀମାନଙ୍କୁ ଯେତେବେଳେ ଭେଟିଲେ ସେତେବେଳେ ସେମାନଙ୍କୁ ବନୁ ମୁର୍‌ରାହ୍ ସଂପ୍ରଦାୟ ସଂପର୍କରେ ପଚାରିଲେ । ଛେଳୀ ଚରାଳୀମାନେ ସେହାବାମାନଙ୍କୁ କହିଲେ, ବନୁ ମୁର୍‌ରାହ୍ ସଂପ୍ରଦାୟ ଉପତ୍ୟକାରେ ଅଛନ୍ତି ଏବଂ ସେମାନେ ଝରଣା କୂଳକୁ ଆସି ନାହାନ୍ତି । ସାହାବାମାନେ ସେମାନଙ୍କର ଛେଳୀ ମେଣ୍ଢା ଘଉଡ଼ାଇ ନେଇ ମଦିନା ଆଡ଼କୁ ଫେରି ଆସିଲେ । ବନୁ ମୁର୍‌ରାହ୍ ସଂପ୍ରଦାୟର ଘୋଷଣାକାରୀ ଡାକ ମାରିଲା ଯେ, ହେ ବନୁ ମୁର୍‌ରାହ୍ ସଂପ୍ରଦାୟବାସୀ ! ମୁସଲମାନମାନେ ଏହିପରି ଭାବରେ ତୁମମାନଙ୍କର ସମସ୍ତ ଜିନିଷ ପତ୍ର ନେଇଯାଇଛନ୍ତି । ଏହାର ଜବାବରେ ବନୁ ମୁର୍‌ରାହ୍ ସଂପ୍ରଦାୟର ଲୋକମାନେ ଯେତେବେଳେ ଆସିଲେ ସେତେବେଳେ ରାତ୍ର ସମୟରେ ମୁସଲମାନମାନଙ୍କୁ ବନୁ ମୁର୍‌ରାହର ଏକ ବିଶାଳ ସୈନ୍ୟବାହିନୀର ସମ୍ମୁଖୀନ ହେବାକୁ ପଡ଼ିଲା । ଅର୍ଥାତ୍ ବନୁ ମୁର୍‌ରାହ୍ ସଂପ୍ରଦାୟ ମୁସଲମାନମାନଙ୍କ ଉପରେ ଏକ ବିଶାଳ ସୈନ୍ୟବାହିନୀ ଧରି ଆକ୍ରମଣ କଲେ । ସାହାବାମାନେ ରାତି ସାରା ତୀର ଚଳାଉଥିଲେ । ଏପର୍ଯ୍ୟନ୍ତକି ସାହାବାମାନଙ୍କର ତୀର ଶେଷ ହୋଇଗଲା । ଯେତେବେଳେ ସକାଳ ହେଲା ସେତେବେଳେ ବନୁ ମୁର୍‌ରାହ୍ ସଂପ୍ରଦାୟ ମୁସଲମାନମାନଙ୍କ ଉପରେ ପୁନର୍ବାର ଆକ୍ରମଣ କଲେ ଏବଂ ହ. ବଶୀର୍ ର.ଅଙ୍କ ସାଥିମାନଙ୍କୁ ଶହୀଦ୍ କରିଦେଲେ । ହ. ବଶୀର୍ ବିନ୍ ସାଆଦ୍ ର.ଅ ସେହି ଲୋକମାନଙ୍କ ସହିତ ଘମାଘୋଡ଼ ଯୁଦ୍ଧ ଲଢିଲେ ଏପର୍ଯ୍ୟନ୍ତକି ସେ ଆହତ ହୋଇ ତଳେ ପଡ଼ିଗଲେ ଏବଂ ତାଙ୍କ ଗୋଇଠିରେ ଆଘାତ ଲାଗିଲା । ଲୋକମାନେ ଏହା ମନେକଲେ ଯେ, ହ. ବଶୀର୍ ବିନ୍ ସାଆଦ୍ ର.ଅ ମୃତ୍ୟୁବରଣ କରିଛନ୍ତି । ଏତଦ୍‌ପରେ ବନୁ ମୁର୍‌ରାହ୍ ନିଜର ଛେଳୀ ମେଣ୍ଢାମାନଙ୍କୁ ଧରି ନିଜ ଅଞ୍ଚଳକୁ ଫେରି ଆସିଲେ। ମୁସଲମାନମାନେ ବନୁ ମୁର୍‌ରାହ୍ ସଂପ୍ରଦାୟ ଠାରୁ ଯେଉଁସବୁ ଜିନିଷପତ୍ର ଏବଂ ଛେଳୀ ମେଣ୍ଢା ନେଇଥିଲେ ସେହି ସବୁ ଜିନିଷପତ୍ରକୁ ଧରି ଓ ମୁସଲମାନମାନଙ୍କୁ ଶହୀଦ୍ କରି ବନୁ ମୁର୍‌ରାହ୍ ସଂପ୍ରଦାୟ ଲୋକମାନେ ନିଜ ଅଞ୍ଚଳକୁ ଫେରି ଆସିଲେ। ରାତି ପର୍ଯ୍ୟନ୍ତ ହ. ବଶୀର୍ ବିନ୍ ସାଆଦ୍ ର.ଅ ଶହୀଦ୍ ହୋଇଥିବା ସାହାବାମାନଙ୍କ ମଧ୍ୟରେ ପଡ଼ି ରହିଥିଲେ । ପରିଶେଷରେ ସେ ସାହସ କରି ସେ ନିଜେ ଉଠିଲେ ଏବଂ ଫଦକ୍ ଚାଲିଗଲେ । କିଛି ଦିନ ସେଠାରେ ଇହୁଦୀମାନଙ୍କ ପାଖରେ ଅବସ୍ଥାନ କଲେ। ଏପର୍ଯ୍ୟନ୍ତକି ଯେତେବେଳେ ଆପଣ ର.ଅଙ୍କ କ୍ଷତ ଭଲ ହୋଇଗଲା ଏବଂ ଆପଣ ର.ଅ ସୁସ୍ଥ ହୋଇଗଲେ ସେତେବେଳେ ଆପଣ ର.ଅ ମଦିନା ଫେରି ଆସିଲେ।" **(ଶର୍‌ହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-3, ପୃ-305-306, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1996 ମସିହା)(ଜୀବନୀ ଶବ୍ଦକୋଷ, ପୃ-225, ଜୱାର୍ ଏକାଡ଼େମୀ କରାଚୀ) (ଦାଏରା ମାଆରିଫ୍, ଭାଗ-8, ପୃ-474)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ସରୀୟା ରହିଛି । ଉକ୍ତ ସରୀୟାରେ ହ. ଗାଲିବ୍ ବିନ୍ ଅବ୍‌ଦୁଲ୍ଲାଃ ଲୈସିଙ୍କୁ ମୈଫାଆ ଆଡ଼କୁ ପ୍ରେରଣ କରାଯାଇଥିଲା । ଏହି ସରୀୟା ରମ୍‌ଜାନ୍ ମାସରେ 7 ହିଜ୍ରୀରେ ହୋଇଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-133, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହ. ଗାଲିବ୍ ବିନ୍ ଅବ୍‌ଦୁଲ୍ଲାଃ ଲୈସୀ ହିଜାଜ୍ ବାସୀଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲେ । ମକ୍କା ବିଜୟ ଅବସରରେ ଆପଣ ଜୀବିତ ଥିଲେ ଏବଂ ତାଙ୍କୁ ରସୁଲୁଲ୍ଲାଃ ସ.ଅ ମକ୍କା ବିଜୟ ପୂର୍ବରୁ ଗୁପ୍ତଚର ବା ଗୁଇନ୍ଦା ରୂପେ ପ୍ରେରଣ କରିଥିଲେ । ହ. ଅମୀର ମୁଆୱିୟାହ୍ ର.ଅଙ୍କ କାଳ ଆପଣ ର.ଅ ଖୁରାସାନ୍‌ର ଶାସକ ଥିଲେ । ଏକ ବର୍ଣ୍ଣନାନୁଯାୟୀ କାଦ୍‌ସିୟା ଯୁଦ୍ଧରେ ମଧ୍ୟ ଆପଣ ସାମିଲ୍ ହୋଇଥିଲେ । **(ଉସ୍‌ଦୁଲ୍ ଗାବା, ଭାଗ-4, ପୃ-321, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଅଲ୍ ଇସାବା ଫି ତମିଜିସ୍ ସାହାବା ର.ଅ, ଭାଗ-5, ପୃ-243, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଇବ୍‌ନେ ସାଆଦ୍ ର.ଅ ଉଲ୍ଲେଖ କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ହ. ଗାଲିବ୍ ର.ଅଙ୍କୁ ବନୁ ଉୱାଲ୍ ଏବଂ ବନୁ ଅବ୍‌ଦେ ବିନ୍ ସାଆଲ୍‌ବା ଆଡ଼କୁ ପ୍ରେରଣ କଲେ। ତେଣୁ ହ. ଗାଲିବ୍ ବିନ୍ ଅବ୍‌ଦୁଲ୍ଲାଃ ମୈଫାଆବାସୀଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲେ। ମୈଫାଆ ନଜଦ୍ ଆଡ଼କୁ ମଦିନା ଠାରୁ 96 ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । ବନୁ ଉୱାଲ୍ ଏବଂ ବନୁ ଅବ୍‌ଦ୍ ମୁସଲମାନମାନଙ୍କ ବିରୁଦ୍ଧରେ ନକାରାତ୍ମକ ଷଡ଼ଯନ୍ତ୍ର ରଚି ଲୋକମାନଙ୍କୁ ଏକତ୍ରିତ କରିବା ଆରମ୍ଭ କରି ଦେଇଥିଲେ । କାରଣ ଆରବ ଗୋଷ୍ଠୀ ପରି କୌଣସି ଅତିରିକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ଏବଂ ମୁସଲମାନମାନଙ୍କ ଉପରେ ଆକ୍ରମଣ ହୋଇପାରିବ । ଇବ୍‌ନେ ହିଶ୍ଶାମ ହ. ଗାଲିବ୍ ବିନ୍ ଅବ୍‌ଦୁଲ୍ଲାଃ ଲୈସିର ଏହି ସରୀୟାକୁ ବନୁ ମୁର୍‌ରାହ୍ ଆଡ଼କୁ ବର୍ଣ୍ଣନା କରିଛନ୍ତି। ହ. ଗାଲିବ୍ ବିନ୍ ଅବଦୁଲ୍ଲାଃ ହୁରୁକାର ମିତ୍ର ଥିଲେ । ଇମାମ୍ ବୁଖାରୀ ଉକ୍ତେ ସରୀୟାକୁ ଆୟୁଦ୍ଧ କରି ଏକ ଅଧ୍ୟାୟ ରଚନା କରିଛନ୍ତି ଯେ, **ବାବ- ବାସୁନ୍ ନବୀୟା ସ.ଅ ଉସ୍ସାମା ବିନ୍ ଜୈଦ୍ ଇଲଲ୍ ହୁରୁକାତି, ମିନ୍ ଜୁହେନା** । ଅର୍ଥାତ୍ ନବୀ କରୀମ୍ ସ.ଅଙ୍କ ହ. ଉସ୍ସାମା ବିନ୍ ଜୈଦ୍ ର.ଅଙ୍କୁ ଜୁହେନାର ହୁରୁକା ସଂପ୍ରଦାୟ ଆଡ଼କୁ ପ୍ରେରଣ କରିବା । ତହିଁରୁ ଏହା ପ୍ରତିତ ହୁଏ ଯେ, ଉକ୍ତ ସରୀୟାର ଅମୀର୍ ହ. ଉସମ୍ମା ବିନ୍ ଜୈଦ୍ ର.ଅ ଥିଲେ । କିନ୍ତୁ ବୁଖାରୀର ବ୍ୟାଖ୍ୟାକାର ଅଲ୍ଲାମା ଇବ୍‌ନେ ହଜର୍ ବୁଖାରୀର ବ୍ୟାଖ୍ୟାରେ ଉଲ୍ଲେଖ କରିଛନ୍ତି ଯେ, ହ. ଉସାମ୍ମା ବିନ୍ ଜୈଦ୍ ର.ଅଙ୍କ ଏହି ଶବ୍ଦରୁ ରସୁଲୁଲ୍ଲାଃ ସ.ଅ ହୁରୁକା ସଂପ୍ରଦାୟ ଆଡ଼କୁ ଆମମାନଙ୍କୁ ପ୍ରେରଣ କଲେ । ଏହି ପ୍ରମାଣ କେଉଁଠି ମିଳୁ ନାହିଁ ଯେ, ସେ ଅର୍ଥାତ୍ ହ. ଉସ୍ସାମା ବିନ୍ ଜୈଦ୍ ର.ଅଙ୍କୁ ସୈନ୍ୟବାହିନୀର ସେନାପତି କରାଯାଇଥିଲା । ସେହି କାରଣରୁ ମୁଗାଜିଙ୍କର କଥା ଅଧିକ ଯୁକ୍ତିଯୁକ୍ତ ଅଟେ । ଅଧିକ ପ୍ରାଧାନ୍ୟ ଏବଂ ଗ୍ରହଣଯୋଗ୍ୟ କଥା ଏହିକି ଯେ, ଉକ୍ତ ସରୀୟାର ଅମୀର୍ ହ. ଗାଲିବ୍ ବିନ୍ ଅବଦୁଲ୍ଲାଃ ଲୈସି ଥିଲେ ।

ସେ ଯାହା ହେଉ ଆପଣ ସ.ଅ ହ. ଗାଲିବ୍ ର.ଅଙ୍କୁ 130 ଜଣ ସାହାବାମାନଙ୍କ ସହିତ୍ ପ୍ରେରଣ କଲେ । ରସୁଲୁଲ୍ଲାଃ ସ.ଅଙ୍କ ସ୍ୱାଧୀନ ପ୍ରାପ୍ତ ଦାସ ହ. ୟସାର୍ ତାଙ୍କର ପଥ ପ୍ରଦର୍ଶକ ଥିଲେ । ମୁସଲମାନମାନେ ଏକତ୍ରିତ ହୋଇ ସେମାନଙ୍କ ଉପରେ ଆକ୍ରମଣ କରିଦେଲେ ଏବଂ ସେମାନଙ୍କର ଜନବସତି ଅଞ୍ଚଳ ପର୍ଯ୍ୟନ୍ତ ପହଞ୍ଚିଗଲେ। ସେମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ମୁକାବିଲା କରିବା ନିମନ୍ତେ ଆସିଲେ ତା'କୁ ବଧ କରି ଦିଆଗଲା ଏବଂ ମାଲେ ଗନିମତ୍ ଓ ଛେଳୀ ମେଣ୍ଢା ମଦିନାକୁ ନେଇ ଆସିଲେ ଏବଂ କାହାରିକୁ ବନ୍ଦୀ କଲେ ନାହିଁ । **(ଅତ୍‌ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-2, ପୃ-91, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଉଦ୍ଧୃତ) (ଜୀବନୀ ଶବ୍ଦକୋଷ, ପୃ-56, ଜୱାର୍ ଏକାଡ଼େମୀ କରାଚୀ)(ଗଜ୍‌ୱାତ୍ ୱ ସରାୟା, ଲେଖକ-ମୁହମ୍ମଦ୍ ଅଜ୍‌ହର୍ ଫରିଦ୍ ଶାହ୍, ପୃ-396, ଫରିଦ୍ ପବ୍ଲିଶର୍ସ, ସାହିୱାଲ୍) (ଅସ୍‌ସିରତୁନ୍ ନବୱିୟାହ୍ ଲିଇବ୍‌ନେ ହିଶ୍ଶାମ୍, ପୃ-879, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଫତ୍‌ହୁଲ୍ ବାରି, ଭାଗ-7, ପୃ-659, ବାଗେ କରାଚୀ) (ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ବାଆସୁନ୍ ନବୀ ସ.ଅ ଉସ୍ସାମା ବିନ୍ ଜୈଦ୍ ଇଲଲ୍ ହୁରୁକାତି, ମିନ୍ ଜୁହେନାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇବ୍‌ନେ ସାଆଦ୍ ଉଲ୍ଲେଖ କରନ୍ତି ଯେ, ଏ ହେଉଛି ସେହି ସରୀୟା ଯହିଁରେ ହ. ଉସ୍ସାମା ବିନ୍ ଜୈଦ୍ ର.ଅ ମିର୍ଦ୍ଦାସ୍ ବିନ୍ ନୁହେକ୍‌କୁ ବଧ କରିଥିଲେ । ଅର୍ଥାତ୍ ମିର୍ଦ୍ଦାସ୍ ବିନ୍ ନୁହେକ୍ لا إله إلا الله କହିବା ସତ୍ତ୍ୱେ ମଧ୍ୟ ହ. ଉସ୍ସାମା ବିନ୍ ଜୈଦ୍ ର.ଅ ତା'ର ବଧ କରି ଦେଇଥିଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-133-140, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ) (ଅତ୍‌ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-2, ପୃ-91, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଉଦ୍ଧୃତ)**

ବୁଖାରୀରେ ଉକ୍ତ ଘଟଣାର ବିବରଣୀ ଏହିପରି ମିଳିଥାଏ ଯେ, ହ. ଉସ୍ସାମା ବିନ୍ ଜୈଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଆମମାନଙ୍କୁ ହୁରୁକା ସଂପ୍ରଦାୟ ଆଡ଼କୁ ପ୍ରେରଣ କଲେ । ଆମେମାନେ ସେମାନଙ୍କ ଗହଣରେ ସକାଳ କଲୁ ଏବଂ ଆମେମାନେ ସେମାନଙ୍କୁ ପରାସ୍ତ କଲୁ ଓ ମୁଁ ଏବଂ ଅନ୍‌ସାର୍‌ମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ସେମାନଙ୍କର ଜଣେ ବ୍ୟକ୍ତିର ପିଛା କଲୁ । ଆମେମାନେ ଯେତେବେଳେ ସେହି ବ୍ୟକ୍ତିକୁ କାବୁ (ଆୟତ୍ତ) କରିନେଲୁ ସେତେବେଳେ ସେହି ବ୍ୟକ୍ତି କହିଲା **ଲା ଇଲାହା**

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

**ଇଲ୍ଲଲ୍ଲାହ୍** । ତେଣୁ ଅନ୍‌ସାରୀ ଜଣକ ଅଟକିଗଲେ ଏବଂ ମୁଁ କିନ୍ତୁ ନିଜର ବର୍ଚ୍ଛା ତା' ଶରୀରରେ ବିଦ୍ଧ (ଭୁଷି) କରିଦେଲି ଓ ତା'ର ବଧ କରିଦେଲି । ଏତଦ୍‌ପରେ ଆମେ ଯେତେବେଳେ ନବୀ କରୀମ୍ ସ.ଅଙ୍କ ନିକଟକୁ ଆସିଲୁ ସେତେବେଳେ ଆଁହଜରତ ସ.ଅଙ୍କୁ ଉକ୍ତ ଘଟଣା ସଂପର୍କରେ ସୂଚନା ମିଳିଲା । ଆଁହଜରତ ସ.ଅ କହିଲେ, ହେ ଉସ୍ତାମା ! କ'ଣ ତୁମେ ସେହି ବ୍ୟକ୍ତିକୁ ମାରିଦେଲ ? ଅଥଚ ସେହି ବ୍ୟକ୍ତି ଜଣକ لَا اِلٰهَ اِلَّا اللّٰهُ କହିଥିଲା ? ହ. ଉସ୍ତାମା ର.ଅ କହିଲେ, ମୁଁ ଉତ୍ତର ଦେଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ବ୍ୟକ୍ତି ନିଜର ଆତ୍ମରକ୍ଷା କରିବା ପାଇଁ ଏପରି ବାଣୀ କହିଥିଲା । କିନ୍ତୁ ଆପଣ ସ.ଅ ଅହରହ ଉପରୋକ୍ତ ବାକ୍ୟକୁ ପୁନରାବୃତ୍ତି କରୁଥିଲେ ଯେ, ହେ ଉସ୍ତାମା ! କ'ଣ ତୁମେ ସେହି ବ୍ୟକ୍ତିକୁ ମାରିଦେଲ ? ଅଥଚ ସେହି ବ୍ୟକ୍ତି ଜଣକ لَا اِلٰهَ اِلَّا اللّٰهُ କହିଥିଲା ? ଆପଣ ସ.ଅ ଏତେଥର ଉପରୋକ୍ତ ବାକ୍ୟର ପୁନରାବୃତ୍ତି କଲେ ଏବଂ ହ. ଉସ୍ତମା ର.ଅଙ୍କୁ କହିଲେ, ହେ ଉସ୍ତାମା ତୁମେ ଲା ଇଲାହା ଇଲ୍ଲଲ୍ଲାଃ କହୁଥିବା ସେହି ବ୍ୟକ୍ତିର ବଧ କରିଦେଲ ? ଏପର୍ଯ୍ୟନ୍ତକି ମୁଁ ଏହି କାମନା କଲି କେ ହେ ପ୍ରଭୁ ! ମୁଁ ଆଜି ହିଁ ଇସଲାମ୍ ଧର୍ମ ଗ୍ରହଣ କରିଥାଆନ୍ତି କି ? **(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ବାଆସୁନ୍ ନବୀ ସ.ଅ, ଉସ୍ତାମା.....ହଦିସ୍ ନଂ-4269)**

ମୁସଲିମ୍ ଉକ୍ତ ବର୍ଣ୍ଣନାକୁ ଏହିପରି ଉଲ୍ଲେଖ କରିଛି ଯେ,"أَفَلَا شَقَقْتَ عَنْ قَلْبِهِ حَتَّى تَعْلَمَ أَقَالَهَا أَمْ لَا ଅର୍ଥାତ୍ ହେ ଉସ୍ତାମା ! ତୁମେ ସେହି ବ୍ୟକ୍ତିର ଛାତିକୁ ଚିରି ଦେଲ ନାହିଁ କାହିଁକି ? ତୁମେ ସେହି ବ୍ୟକ୍ତିର ଛାତି ଚିରି ଦେଖି ନାଇଥାଆନ୍ତ ଓ ଜାଣିନେଇ ଥାଆନ୍ତି ଯେ, ସେହି ବ୍ୟକ୍ତି ଜଣକ୍ ଉକ୍ତ ବାଣୀ ଅର୍ଥାତ୍ ଲା ଇଲାହା ଇଲ୍ଲଲ୍ଲାହୁ ହୃଦୟରୁ କହିଥିଲା ଅବା ନୁହେଁ ?" ଆପଣ ସ.ଅ ମୋ ସମ୍ମୁଖରେ ଉକ୍ତ କଥାକୁ ବରମ୍ବାର ପୁନରାବୃତ୍ତି କଲେ । ଏପର୍ଯ୍ୟନ୍ତକି ମୁଁ ଏହି କାମନା କଲି କେ ହେ ପ୍ରଭୁ ! ମୁଁ ଆଜି ହିଁ ଇସଲାମ୍ ଧର୍ମ ଗ୍ରହଣ କରିଥାଆନ୍ତି କି ?

**(ସହି ମୁସଲିମ୍, କିତାବୁଲ୍ ଇମାନ୍, ଅନୁବାଦକ, ଭାଗ-1, ପୃ-88)**

ଆଜିକାଲିକା ମୌଲବୀମାନେ ଏହା ଭାବୁଛନ୍ତି ଯେ, ସେମାନେ ଅହେମଦିମାନଙ୍କ ଛାତି ଚିରି ଦେଖି ନେଇଛନ୍ତି । ତେଣୁ ଅହେମଦିମାନଙ୍କୁ ଶହୀଦ୍ କରିବା ଏବଂ ସେମାନଙ୍କ ଉପରେ ଅତ୍ୟାଚାର କରିବା ବୈଧ ଅଟେ । ଅଲ୍ଲାଃତାଲା ସେହି ଅତ୍ୟାଚାରୀମାନଙ୍କର ଧର ପକଡ଼ କରିବା ପାଇଁ ଯଥାଶୀଘ୍ର ବ୍ୟବସ୍ଥା କରନ୍ତୁ । ହୁଜୁର ଅନ୍‌ଓ୍ଵର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଉସ୍ତାମା ବିନ୍ ଜୈଦ୍ ମର୍ଦାସକୁ ବଧ କରି ଦେଇଥିଲେ । ତେଣୁ ରସୁଲୁଲ୍ଲାଃ ସ.ଅ ମିର୍ଦାସ୍‌ର ପରିବାରକୁ ଦିୟତ୍ (ବଧ ଜନିତ କ୍ଷତିପୂରଣ) ଦେବା ନିମନ୍ତେ ଆଦେଶ ଦେଲେ ଏବଂ ମିର୍ଦାସର ଧନ ତା' ପରିବାରକୁ ଫେରସ୍ତ କରିଦିଆ ଯାଇଥିଲା । **(ସବ୍‌ଲୁଲ୍ ହୁଦା, ଓ୍ଵର୍ ରଶ୍ଵାଦ୍, ଭାଗ-6, ପୃ-193, ଦାରୁଲ୍ କୁତୁବୁଲ୍ ଇଲମିୟାହରୁ ଉଦ୍ଧୃତ)**

ଆଁହଜରତ ସ.ଅ କହିଲେ, ଯେହେତୁ ସେହି ବ୍ୟକ୍ତି ଯେକି لَا اِلٰهَ اِلَّا اللّٰهُ କହିବା ପୂର୍ବରୁ ଯୁଦ୍ଧ କରୁଥିଲା କିନ୍ତୁ ତା'ର ହ. ଉସ୍ତାମା ବିନ୍ ଜୈଦ୍ ଯେତେବେଳେ ତା'ର ବଧ କରିବାକୁ ଲାଗିଲେ ସେତେବେଳେ ସେ لَا اِلٰهَ اِلَّا اللّٰهُ ପାଠ କରିନେଲା । କିନ୍ତୁ ହ. ଉସ୍ତାମା ବିନ୍ ଜୈଦ୍ ମିର୍ଦାସ୍‌ର ବଧ କରିଦେଲେ । ସେଇଥିପାଇଁ ଆଁହଜରତ ଆଦେଶ ଦେଲେ ଯେ, ମିର୍ଦାସ୍ ଠାରୁ ଯେଉଁ ଧନ ହରଣ କରିଛ ସେହି ଧନକୁ ତା' ପରିବାରକୁ ଫେରସ୍ତ କରିଦିଅ ଓ ତା'ର ପରିବାରକୁ ଦିୟତ (କ୍ଷତିପୂରଣ) ପ୍ରଦାନ କର ।

ହ. ମୁସଲେହ୍ ମଉଦ୍ ର.ଅ ଉକ୍ତ ଘଟଣାକୁ ଏହିପରି ବର୍ଣ୍ଣନା କରିଛନ୍ତି ଓ ଉଲ୍ଲେଖ କରନ୍ତି ଯେ, "ଆପଣ ସ.ଅ ସର୍ବଦା ଏହି ଆଦେଶ ଦେଉଥିଲେ ଯେ, ଧର୍ମବିଧାନ ପ୍ରକାଶ୍ୟ ଅବସ୍ଥାରେ ହିଁ ଜାରି ହେବା ଉଚିତ୍ । ଆମେ ହୃଦୟର ଅବସ୍ଥା ତ' ଜାଣି ନାହୁଁ । ଏକଦା କିଛି ସାହାବାମାନେ ଏକ ଯୁଦ୍ଧକୁ ଯାଇଥିଲେ । ବାଟରେ ସାହାବାମାନଙ୍କୁ ଏପରି ଜଣେ ମୁସ୍‌ରିକ୍ ବ୍ୟକ୍ତି ମିଳିଲା ଯିଏ ବଣରେ ଏଣେତେଣେ ଲୁଚି ବୁଲୁଥିଲା । ସେହି ବ୍ୟକ୍ତିକୁ ଯେତେବେଳେ କୌଣସି ମୁସଲମାନ ବ୍ୟକ୍ତି ଏକୁଟିଆ ମିଳି ଯାଉଥିଲା ସେତେବେଳେ ସେହି ବ୍ୟକ୍ତି ଜଣକ ମୁସଲମାନ ବ୍ୟକ୍ତି ଉପରେ ଆକ୍ରମଣ କରି ମୁସଲମାନକୁ ହତ୍ୟା କରିଦେଉଥିଲା । ଉସ୍ତାମା ବିନ୍ ଜୈଦ୍ ସେହି ବ୍ୟକ୍ତିର ପିଛା କଲେ ଏବଂ ସୁଯୋଗ ଦେଖି ତା'କୁ ଧରି ପକାଇଲେ ଏବଂ ତା'ର ବଧ କରିବା ନିମନ୍ତେ ଖଡ଼୍‌ଗ ଦେଖାଇଲେ । ସେ ଯେତେବେଳେ ଏହା ଦେଖିଲା କି ବର୍ତ୍ତମାନ ମୋତେ କାବୁ କରି ନିଆଯାଇଛି ତେଣୁ ସେ لَا اِلٰهَ اِلَّا اللّٰهُ କହିଦେଲା । ତହିଁରୁ ତା'ର ଏହି ତାତ୍ପର୍ଯ୍ୟ ଥିଲା ଯେ, ମୁଁ ବର୍ତ୍ତମାନ ମୁସଲମାନ ଧର୍ମ ସ୍ଵୀକାର କରୁଛି । କିନ୍ତୁ ହ. ଉସ୍ତାମା ବିନ୍ ଜୈଦ୍ ର.ଅ ତା'ର ଏହି କଥାକୁ ଭ୍ରୂକ୍ଷେପ କଲେ ନାହିଁ ଓ ତା'ର ବଧ କରିଦେଲେ । ଆଁହଜରତ ସ.ଅଙ୍କୁ ଯେତେବେଳେ ଉକ୍ତ ଘଟଣାର ଅର୍ଥାତ୍ ଯୁଦ୍ଧର ସୂଚନା ଦେବା ନିମନ୍ତେ ଜଣେ ବ୍ୟକ୍ତି ମଦିନା ଠାରେ ପହଞ୍ଚିଲା ସେତେବେଳେ ସେହି ସୂଚନା ପ୍ରଦାନକାରୀ ବ୍ୟକ୍ତି ଜଣକ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କରି ଉକ୍ତ ଘଟଣା ମଧ୍ୟ ବର୍ଣ୍ଣନା କରିଦେଲା ଯେ, ଏହିପରି ଘଟଣା ଘଟିଥିଲା । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ ହ. ଉସ୍ତାମା ବିନ୍ ଜୈଦ୍ ର.ଅଙ୍କୁ ଡକାଇଲେ ଏବଂ ତାଙ୍କୁ ପଚାରିଲେ ଯେ, ହେ ଉସ୍ତାମା ! କ'ଣ ତୁମେ ସେହି ବ୍ୟକ୍ତିକୁ ମାରିଦେଇଛ ? ହ. ଉସ୍ତାମା ବିନ୍ ଜୈଦ୍ ର.ଅ କହିଲେ, ଆଜ୍ଞା ହଁ । ଆପଣ ସ.ଅ କହିଲେ, ହେ ଉସ୍ତାମା ତୁମେ ପ୍ରଳୟ ଦିବସ ଦିନ କ'ଣ କରିବ ଯେତେବେଳେ ଏହି لَا اِلٰهَ اِلَّا اللّٰهُ ତୁମ ବିରୁଦ୍ଧର ସାକ୍ଷୀ ଦେବ ।

ହୁଜୁର ଅନ୍‌ଓ୍ଵର୍ ଅ.ବ କହିଲେ, ଯେପରିକି ମୁଁ ପୂର୍ବେ କହିଲି କି, "ଆଜିକାଲିକା ଏହି ମୌଲବୀମାନେ ଏବଂ ସେମାନେଙ୍କର ଶିଷ୍ୟଗଣ ଏବଂ ସହଚରମାନେ ଯେଉଁମାନେ ପାକିସ୍ତାନର ବାସ କରନ୍ତି ସେମାନେ ସ୍ଵର୍ଗକୁ ଯିବା ନିମନ୍ତେ କଥା ବଡ଼ ବଡ଼ କହୁଛନ୍ତି । ଅର୍ଥାତ୍ ସେହି ମୌଲବୀମାନେ ସାଧାରଣ ଲୋକମାନଙ୍କୁ ଏହା କୁହନ୍ତି ଯେ, ଯଦି ତୁମେମାନେ ଅହେମଦିମାନଙ୍କୁ ହତ୍ୟା କର ତେବେ ତୁମେମାନେ ସ୍ଵର୍ଗ ପୁରକୁ ଚାଲିଯିବ । କିନ୍ତୁ ସେମାନଙ୍କୁ ଜଣା ନାହିଁ ଯେ, ସେମାନଙ୍କର ଏହି କର୍ମ ସେମାନଙ୍କୁ ଅଲ୍ଲାଃତାଲାଙ୍କ ଶାସ୍ତିର ଅଧିକାରୀ କରିଦେବ । କେବେ ନା କେବେ ଅଲ୍ଲାଃତାଲା ସେମାନଙ୍କୁ ଧରିବେ ଏବଂ ସେମାନଙ୍କୁ ଦଣ୍ଡିତ କରିବେ ।"

ହୁଜୁର ଅନ୍‌ଓ୍ଵର୍ ଅ.ବ କହିଲେ, ସେ ଯାହା ହେଉ ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ଘଟଣାକୁ ବର୍ଣ୍ଣନା କରି କୁହନ୍ତି ଯେ, "ଅର୍ଥାତ୍ ଅଲ୍ଲାଃତାଲାଙ୍କ ତରଫରୁ ଏହି ପ୍ରଶ୍ନ କରାଯିବ ଯେ, ଯେତେବେଳେ ସେହି ବ୍ୟକ୍ତି ଜଣକ لَا اِلٰهَ اِلَّا اللّٰهُ କହିଥିଲା ସେତେବେଳେ ତୁମେ ସେହି ବ୍ୟକ୍ତିକୁ କାହିଁକି ମାରିଲ (ବଧ କଲ) ? ଅର୍ଥାତ୍ ସେହି ବ୍ୟକ୍ତି ଯିଏ ହ. ଉସ୍ତାମା ର.ଅଙ୍କ ସହିତ ଯୁଦ୍ଧ କରୁଥିଲା ସେ ହତ୍ୟାକାରୀ ଥିଲା । କିନ୍ତୁ ସେ ତୌବା (କ୍ଷମାଯାଚନା) କରି ସାରିଥିଲା । ହ. ଉସ୍ତାମା ର.ଅ ଅନେକ ଥର ପ୍ରତ୍ୟୁତ୍ତରରେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ବ୍ୟକ୍ତି ମୃତ୍ୟୁ ଭୟରେ ବିଶ୍ଵାସ ପ୍ରକାଶ କରୁଥିଲା । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ହେ ଉସ୍ତାମା ! ତୁମେ ସେହି ବ୍ୟକ୍ତିର ହୃଦୟ ଚିରି ଦେଖି ନେଇଥିଲ ଯେ, ସେ ମିଛ କହୁଛି ? ଆପଣ ସ.ଅ ଉକ୍ତ ବାକ୍ୟକୁ ବାରମ୍ବାର କହି ଚାଲିଲେ ଯେ, ହେ ଉସ୍ତାମା ତୁମେ ପ୍ରଳୟ ଦିବସ ଦିନ ଅଲ୍ଲାଃତାଲାଙ୍କୁ କ'ଣ ଉତ୍ତର ଦେବ ଯେତେବେଳେ لَا اِلٰهَ اِلَّا اللّٰهُ ତୁମ ସମ୍ମୁଖରେ ଉପସ୍ଥାପିତ କରାଯିବ ? ହ. ଉସ୍ତାମା ର.ଅ କହିଲେ, ସେତେବେଳେ ମୁଁ ମନରେ ଏହି କାମନା କଲି କେ ହେ ପ୍ରଭୁ ! ମୁଁ ଆଜି ହିଁ ଇସଲାମ୍ ଧର୍ମ ଗ୍ରହଣ କରିଥାଆନ୍ତି କି ଓ ଆଜି ମୋ ହାତରୁ ଏପରି କୃତ୍ୟ (ପାପ) ସମ୍ପାଦିତ ହୋଇ ନଥାଆନ୍ତା କି ?"

**(ଦିବାଚା ତଫସିରୁଲ୍ କୁରଆନ୍, ଅନ୍‌ଓ୍ଵାରୁଲ୍ ଉଲୁମ୍, ଭାଗ-20, ପୃ-415-416)**

ହୁଜୁର ଅନ୍‌ଓ୍ଵର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ସରୀୟା ରହିଛି । ଉକ୍ତ ସରୀୟା ହ. ବଶୀର୍ ବିନ୍ ସାଆଦ୍ ର.ଅଙ୍କ ନେତୃତ୍ଵରେ ୟୁମନ୍ ଏବଂ ଯବାର ଅଭିମୁଖେ ହୋଇଥିଲା । ଉକ୍ତ ସରୀୟା ଶୱାଲ୍ ମାସ 7 ହିଜ୍ରୀରେ ହୋଇଥିଲା । ୟୁମନ୍ ଏବଂ ଯବାର୍ ଫଦକ୍ ଓ ଓ୍ଵାଦିଉଲ୍ କୁରାର ମଧ୍ୟବର୍ତ୍ତୀ ସ୍ଥାନ ବନୁ ଗତ୍‌ଫାନ୍ ନିକଟବର୍ତ୍ତୀ ଅଞ୍ଚଳ ଥିଲା । ରସୁଲୁଲ୍ଲାଃ ସ.ଅଙ୍କୁ ଏହି ସୂଚନା ମିଳିଲା ଯେ, ଗତ୍‌ଫାନ୍ ସଂପ୍ରଦାୟର ଏକ ଗୋଷ୍ଠୀ ଆଁହଜରତ ସ.ଅଙ୍କ ବିପକ୍ଷରେ ଏକତ୍ରିତ ହେଉଛି ଏବଂ ଉଏୈନା ବିନ୍ ହିସନ୍ ରସୁଲୁଲ୍ଲାଃ ସ.ଅଙ୍କ ବିରୁଦ୍ଧରେ ସେମାନଙ୍କୁ ସମର୍ଥନ ଜଣାଇବାରେ ପ୍ରତିଶ୍ରୁତି ଦେଲା । **(ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-3, ପୃ-310, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 1996 ମସିହା) (ଅତ୍‌ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-2, ପୃ-402-403, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତରୁ ଉଦ୍ଧୃତ)**

ହୁଜୁର ଅନ୍‌ଓ୍ଵର୍ ଅ.ବ କହିଲେ, ଆଁହଜରତ ସ.ଅ ଏହାର ଚର୍ଚ୍ଚା ହ. ଅବୁ ବକ୍କର ର.ଅ ଓ ହ. ଉମର୍ ର.ଅଙ୍କ ସମ୍ମୁଖରେ ଯେତେବେଳେ କଲେ ସେତେବେଳେ ସେମାନେ ହ. ବଶୀର୍ ବିନ୍ ସାଆଦ୍ ର.ଅଙ୍କୁ ପ୍ରେରଣ କରିବା ନିମନ୍ତେ ପରାମର୍ଶ ଦେଲେ । **(ଇମ୍‌ତାଅଲ୍ ଇସମାଆ, ଭାଗ-1, ପୃ-330, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତରୁ ଉଦ୍ଧୃତ)**

ରସୁଲୁଲ୍ଲାଃ ସ.ଅ ହ. ବଶୀର୍ ବିନ୍ ସାଆଦ୍ ର.ଅଙ୍କୁ ଡକାଇଲେ ଏବଂ ତାଙ୍କ ନିମନ୍ତେ ଏକ ଧ୍ଵଜା ପ୍ରସ୍ତୁତ କରାଇଲେ ଓ ତାଙ୍କ ସହିତ 300 ଜଣ ସାହାବାମାନଙ୍କୁ ପ୍ରେରଣ କଲେ । ଏହି ସାହାବାମାନେ ଦିନ ତମାମ୍ ଚାଲୁଥିଲେ ଏବଂ ରାତ୍ର ସମୟରେ ଲୁଚି ଯାଉଥିଲେ ଏବଂ ପରିଶେଷରେ ଏମାନେ ଯବାର୍ ନାମକ ସ୍ଥାନରେ ପହଞ୍ଚିଗଲେ। ସେଠାରେ ପଶୁ ଚରାଳୀମାନେ ନିଜର ପଶୁ ଚରାଉଥିଲେ। ସେମାନେ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଶର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ମୁସଲମାନମାନଙ୍କୁ ଦେଖି ସେଠାରୁ ପଳାଇ ଆସିଲେ ଏବଂ ଗତ୍‌ଫାନ୍ ସଂପ୍ରଦାୟକୁ ଯାଇ ସୂଚନା ପ୍ରଦାନ କଲେ । ସେହି ଲୋକମାନେ ଏହି ଖବର ଶୁଣି ନିଜର ଧନ ଏବଂ ଗୃହ ପାଳିତ ପଶୁମାନଙ୍କୁ ଛାଡ଼ି ନିଜ ବସ୍ତିର ଉର୍ଦ୍ଧ୍ୱ ଭାଗ ଆଡ଼କୁ ପଳାୟନ କଲେ। ସମସ୍ତେ ଛାଡ଼ି ଚାଲିଗଲେ । ସେମାନଙ୍କ ମଧ୍ୟରୁ କେବଳ ଦୁଇ ଜଣ ବ୍ୟକ୍ତି ଧରା ପଡ଼ିଲେ ଏବଂ ସେମାନଙ୍କୁ ଗିରଫ କରିନିଆଗଲା । ସାହାବାମାନେ ଛେଳୀ ମେଣ୍ଢା ଆଦିଙ୍କୁ ନିଜ ଆୟତ୍ତକୁ ନେଇ କଏଦୀମାନଙ୍କ ସମେତ ମଦିନା ଫେରି ଆସିଲେ । ଏଠାରେ ସେହି ଦୁଇଜଣ କଏଦୀ ମୁସଲମାନ ହୋଇଗଲେ । ତେବେ ରସୁଲୁଲ୍ଲାଃ ସ.ଅ ସେହି ଦୁହିଁଙ୍କୁ ନିଜ ଅଞ୍ଚଳକୁ ଫେରିଯିବାକୁ ଦେଲେ । **(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-74, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ଜୀବନୀ ଶବ୍ଦକୋଷ, ଭାଗ-514, ପୃ-8, ଦାରୁସ୍ ସଲାମ୍)**

ଉମ୍ରତୁଲ୍ କଜାର ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ଏକ ଉମ୍ରାହ୍ ଯାହିକି ଜୁଲ୍ କାଆଦା 7 ହିଜ୍ରୀରେ କରିଥିଲେ ସେହି ଉମ୍ରାହର ଫେବୃୟାରୀ ମାସ 629 ମସିହାର ଅଟେ । ରସୁଲୁଲ୍ଲାଃ ସ.ଅ ଜୁଲ୍ କାଆଦା 7 ହିଜ୍ରୀରେ ଉମ୍ରତୁଲ୍ କଜା ନିମନ୍ତେ ବାହାରିଲେ । ଏ ହେଉଛି ସେହି ମାସ ଯେଉଁ ମାସରେ ଗତ ବର୍ଷ ମକ୍କାର ମୁସ୍‌ରିକିନ୍‌ମାନେ ଆଁହଜରତ ସ.ଅଙ୍କୁ ଉମ୍ରାହ୍ କରିବାକୁ ଦେଇ ନଥିଲେ । ତେଣୁ ଆଁହଜରତ ସ.ଅ ହୁଦୈବିୟାହ୍ ନାମକ ସ୍ଥାନରୁ ଫେରି ଆସିଥିଲେ । ସୁତରାଂ ବର୍ତ୍ତମାନ ସେହି ଉମ୍ରାହର କଜା (ଛାଡ଼ି ଯାଇଥିବା ଉମ୍ରାହ୍) ନିମନ୍ତେ ଆଁହଜରତ ସ.ଅ ଉମ୍ରାହ୍ କରିବା ନିମନ୍ତେ ମକ୍କା ଗମନ କଲେ ।

ବୁଖାରୀର ବ୍ୟାଖ୍ୟାକାର ଅଲ୍ଲାମା ଇବ୍‌ନେ ହଜର୍ ଉକ୍ତ ଉମ୍ରାହ୍‌ର ଅନେକ ନାମ ରହିଛି ବୋଲି ବର୍ଣ୍ଣନା କରିଛନ୍ତି । ସେହି ନାମଗୁଡ଼ିକ ହେଲା- ଉମ୍ରତୁଲ୍ କଜିୟାହ୍, ଉମ୍ରାହ୍ ସୁଲାହ୍, ଉମ୍ରତୁଲ୍ କିସାସ୍, ଗଜ୍‌ୱତୁଲ୍ ଅମନ୍ ଇତ୍ୟାଦି । ଉକ୍ତ ଉମ୍ରାହ୍‌କୁ ଉମ୍ରତୁଲ୍ କିସାସ୍ ଏଇଥି ପାଇଁ କୁହାଯାଏ ଯେ, ମକ୍କାର ମୁସ୍‌ରିକିନ୍‌ମାନେ 6 ହିଜ୍ରୀରେ ନିଷିଦ୍ଧ ମାସ ଜୁଲ୍ କାଆଦାରେ ରସୁଲୁଲ୍ଲାଃ ସ.ଅଙ୍କୁ ଉମ୍ରାହ୍ କରିବାରୁ ଅଟକାଇଥିଲେ। ତେବେ ଆପଣ ସ.ଅ ରହି ଯାଇଥିବା ଉମ୍ରାହ୍‌କୁ ପ୍ରତିଶୋଧ ସ୍ୱରୂପ ସମ୍ପାଦନ କରିବା ନିମନ୍ତେ ମକ୍କା ଯାଇଥିଲେ ଏବଂ ଜୁଲ୍ କାଆଦା 7 ହିଜ୍ରୀରେ ମସ୍‌ଜିଦେ ହରାମ୍‌ରେ ପ୍ରବେଶ କରିଥିଲେ । ହ. ଇବ୍‌ନେ ଅବ୍‌ବାସ୍ ର.ଅ କୁହନ୍ତି ଯେ, ଏଥି ସଂକ୍ରାନ୍ତରେ ଏହି ଆୟତ୍ ଅବତୀର୍ଣ୍ଣ ହେଲା اَلشَّهۡرُ الۡحَرَامُ بِالشَّهۡرِ الۡحَرَامِ وَالۡحُرُمٰتُ قِصَاصٌ **(ଅଲ୍ ବକ୍ରାହ୍: 195)** ଅର୍ଥାତ୍ ପବିତ୍ର ମାସର ଅବମାନନା କଲେ ତା'ର ପ୍ରତିଶୋଧ ସେହି ପବିତ୍ର ମାସରେ ହିଁ ନେବା ସମୀଚୀନ ଅଟେ ଏବଂ ସକଳ ପବିତ୍ର ପାଦର୍ଥର ଅବମାନନାର ପ୍ରତିଶୋଧ ନିଆଯାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇବ୍‌ନେ ହିଶ୍ଶାମ୍ ବର୍ଣ୍ଣନା କରିଛନ୍ତି ଯେ, ମଦିନାରେ ହୁଜୁର୍ ସ.ଅ ହ. ଉୱୈଫ୍ ବିନ୍ ଅଜ୍‌ବତ୍ ଦିଲିଙ୍କୁ ନାଏବ୍ ଅମୀର୍ ରୂପେ ନିଯୁକ୍ତ କଲେ ଏବଂ ଇବ୍‌ନେ ସାଆଦ୍‌ଙ୍କ ଅନୁଯାୟୀ ଆପଣ ସ.ଅ ହ. ଅବୁ ରୁହ୍‌ମ୍ ଗିଫ୍ଫାରିଙ୍କୁ ନାଏବ୍ ଅମୀର୍ ନିଯୁକ୍ତ କରିଥିଲେ । ଉମ୍ରାହ୍ କରିବା ନିମନ୍ତେ ପ୍ରସ୍ଥାନର ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ସେହି ଉମ୍ରାହ୍‌ରେ ଆଁହଜରତ ସ.ଅଙ୍କ ସହିତ 2000 ସାହାବାମାନେ ଥିଲେ । ଉମ୍ରାହ୍ ପ୍ରସ୍ଥାନ ସମୟରେ ଆପଣ ସ.ଅ କହିଲେ, ହେ ସାହାବାମାନେ ! ଯେଉଁ ଲୋକମାନେ ହୁଦୈବିୟାହ୍ ଅବସରରେ ଉପସ୍ଥିତ ଥିଲେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଏହି ଉମ୍ରାହ୍‌ରେ ସାମିଲ ହେଉ । ସୁଲାହ୍ ହୁଦୈବିୟାହ୍ ଅବସରରେ ଉପସ୍ଥିତ ଥିବା ସମସ୍ତ ସାହାବାମାନେ ଉକ୍ତ ଉମ୍ରାହ (ଏହି) ଉମ୍ରାହରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଥିଲେ । କିନ୍ତୁ ଯେଉଁ ସାହାବାମାନେ ଖୈବର୍ ଅବସରରେ ଶହୀଦ୍ ହୋଇଯାଇଥିଲେ ଅବା ମୃତ୍ୟୁବରଣ କରିଥିଲେ ସେହି ସାହାବାମାନେ ଉକ୍ତ ଉମ୍ରାହରେ ସାମିଲ୍ ହୋଇପାରି ନଥିଲେ । ଏହି ସାହାବାମାନଙ୍କ ବ୍ୟତୀତ ଆପଣ ସ.ଅଙ୍କ ସହିତ ଏପରି ଅନେକ ସାହାବାମାନେ ମଧ୍ୟ ସାମିଲ୍ ଥିଲେ ଯେଉଁମାନେ ହୁଦୈବିୟାହ୍ ସମୟରେ ଉପସ୍ଥିତ ନଥିଲେ । ଆପଣ ସ.ଅଙ୍କ ସହିତ କୁର୍ବାନୀର ଓଟ ମଧ୍ୟ ଥିଲା । ଆପଣ ସ.ଅ ସେହି ସମସ୍ତ ଜୀବମାନଙ୍କର ବେକରେ ହାର ପକାଇଲେ ଏବଂ ଜୀବନମାନଙ୍କୁ ଦେଖାଶୁଣା କରିବା ନିମନ୍ତେ ହ. ନାଜିୟାହ୍ ବିନ୍ ଜୁନ୍ଦୁବ୍ ର.ଅଙ୍କୁ ନିଯୁକ୍ତ କଲେ । ଆଁହଜରତ ସ.ଅ ଯେତେବେଳେ ଜୁଲ୍ ହୁଲୈଫା (ଏହା ମଦିନା ଠାରୁ 6 କିମ୍ବା 7 ମାଇଲ୍ ବ୍ୟବଧାନରେ ଅବସ୍ଥିତ ଏକ ବସ୍ତି ଅଟେ) ଠାରେ ପହଞ୍ଚିଲେ ସେତେବେଳେ 100 ଅଶ୍ୱାରୋହୀମାନଙ୍କୁ ସତର୍କତାମୂଳକ ଯୋଜନା ସ୍ୱରୂପ ନିଜ ଆଗରେ ପ୍ରେରଣ କଲେ । ସେହି ଅଶ୍ୱାରୋହୀଙ୍କ ଉପରେ ହ. ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅଙ୍କୁ ଅମୀର୍ କରିଥିଲେ । ରସୁଲୁଲ୍ଲାଃ ସ.ଅ ଉକ୍ତ ଯାତ୍ରାରେ ଖୌଦ୍ (ଲୌହ ମୁକୁଟ), ଅସ୍ତ୍ର, ଲୌହ ପୋଷାକ ଏବଂ ବର୍ଚ୍ଛା ମଧ୍ୟ ନିଜ ସାଙ୍ଗରେ ନେଲେ । ଆପଣ ସ.ଅ ଅସ୍ତ୍ରଶସ୍ତ୍ର ମଧ୍ୟ ନିଜ ଆଗରେ ପ୍ରେରଣ କରିଦେଲେ। ସେହି ଅଶ୍ୱାରୋହୀମାନଙ୍କ ଉପରେ ହ. ବଶୀର୍ ବିନ୍ ସାଆଦ୍ ର.ଅଙ୍କୁ ନିରୀକ୍ଷକ୍ (ସେନାପତି) ରୂପେ ନିଯୁକ୍ତ କରିଥିଲେ। **(ସିରତ୍ ଇବନେ ହିଶ୍ଶାମ୍, ପୃ-717, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)(ଅତ୍‌ତବ୍‌କାତୁଲ୍ କୁବ୍ରା ଲିଇବନି ସାଆଦ୍, ଭାଗ-2, ପୃ-402-403, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଉଦ୍ଧୃତ)(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବଜାଦା ମିର୍ଜା ବଶୀର୍ ଅହେମଦ ସାହେବ୍ ଏମ୍.ଏ ର.ଅ, ପୃ-838)(ଫତହୁଲ୍ ବାରି, ଭାଗ-7, ପୃ-636, ଆରାମ୍ ବାଗ, କରାଚୀ)(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-90, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ଜୀବନୀ ଶବ୍ଦକୋଷ, ଭାଗ-514, ପୃ-105, ଜୱାର୍ ଏକାଡ଼େମୀ)**

ଏହି ପ୍ରଶ୍ନ ଉତ୍ଥାପିତ ହୁଏ ଯେ, ଯେତେବେଳେ ଚୁକ୍ତି ହୋଇ ସାରିଥିଲା ସେତେବେଳେ ଉମ୍ରାହ୍ ଯିବା ନିମନ୍ତେ ଅସ୍ତ୍ରଶସ୍ତ୍ରର କ'ଣ ବା ଆବଶ୍ୟକତା ରହିଥିଲା? ଆଁହଜରତ ସ.ଅଙ୍କୁ ଯେତେବେଳେ କୁହାଗଲା କି ହେ ଅଲାଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ନିଜ ସାଥିରେ ଅସ୍ତ୍ରଶସ୍ତ୍ର ନେଇ ଯାଉଛନ୍ତି । ଅଥଚ କୁରୈଶ୍‌ମାନେ ଆମ ପାଖରେ ଖଡ଼୍‌ଗ ଖୋଳରେ ଥିବା ଖଡ଼୍‌ଗ ବ୍ୟତୀତ ଅନ୍ୟ ଅସ୍ତ୍ର ଆଣିବାକୁ ବାରଣ କରିଛନ୍ତି । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ କହିଲେ, ଆମେମାନେ ଅସ୍ତ୍ରଶସ୍ତ୍ର ନେଇ ନିଷିଦ୍ଧାଞ୍ଚଳରେ ପ୍ରବେଶ କରିବୁ ନାହିଁ ବରଂ କୌଣସି ଆକ୍ରମଣ ସ୍ଥଳେ ସେହି ଅସ୍ତ୍ରଶସ୍ତ୍ର ଆମ ନିକଟବର୍ତ୍ତୀ ଏକ ସ୍ଥାନରେ ରହିବେ । ଅର୍ଥାତ୍ ମକ୍କାକୁ ଅସ୍ତ୍ର ନେଇ ଯିବୁ ନାହିଁ। ଆମେମାନେ ଅସ୍ତ୍ର ବାହାରେ ରଖିବୁ । କାରଣ ସେମାନଙ୍କର କିଛି ଭରସା ନାହିଁ ସେମାନେ ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ କରିଦେଇ ପାରନ୍ତି । ମୁହମ୍ମଦ୍ ବିନ୍ ମସ୍‌ଲମା ଅଶ୍ୱାରୋହୀଙ୍କ ସହିତ ମର୍‌ରୁ ଜହ୍‌ର୍ ନାମକ ସ୍ଥାନରେ ପହଞ୍ଚିଲା। କିଛି ଲୋକମାନେ ସେମାନଙ୍କୁ ଭେଟିଲେ । ଏମାନଙ୍କୁ ସେହି ଲୋକମାନେ କହିଲେ କି ଆଁହଜରତ ସ.ଅ କାଲି **ଇନ୍‌ଶାଆଲ୍ଲାଃ** ଏହି ସ୍ଥାନରେ ହେବେ । ସେହି ଲୋକମାନେ କୁରୈଶ୍‌ମାନଙ୍କ ପାଖକୁ ଆସିଲେ ଏବଂ ସେମାନଙ୍କୁ ଏଥି ସଂକ୍ରାନ୍ତରେ ଯେତେବେଳେ କହିଲେ ସେତେବେଳେ ସେହି ଲୋକମାନେ ଭୟଭୀତ ହୋଇଗଲେ । ରସୁଲୁଲ୍ଲାଃ ସ.ଅ ଯେତେବେଳେ ମର୍‌ରୁଜ୍ ଜହ୍‌ରାନ୍ ନାମକ ସ୍ଥାନରେ ପହଞ୍ଚିଲେ ସେତେବେଳେ ସମସ୍ତ ଅସ୍ତ୍ରଶସ୍ତ୍ର ୟାଜଜ୍ ନାମକ ସ୍ଥାନକୁ ପ୍ରେରଣ କରିଦେଲ । ୟାଜଜ୍ ମକ୍କା ଠାରୁ 8 ମାଇଲ୍ ଦୂରତାରେ ଅବସ୍ଥିତ ଅଟେ । ମକ୍କାର ଅବିଶ୍ୱାସକାରୀମାନେଙ୍କୁ ଯେତେବେଳେ ଏହି ସୂଚନା ପ୍ରାପ୍ତ ହେଲା କି ହୁଜୁର୍ ସ.ଅ ଅସ୍ତ୍ରଶସ୍ତ୍ର ଏବଂ ଯୁଦ୍ଧାସ୍ତ୍ର ସହିତ ମକ୍କା ଆସୁଛନ୍ତି ସେତେବେଳେ ସେମାନେ ଘାବ୍‌ରେଇଲେ (ବ୍ୟତୀବ୍ୟସ୍ତ ହେଲେ) ଏବଂ ସେମାନେ କିଛି ଲୋକମାନଙ୍କୁ ପରିସ୍ଥିତି ସଂପର୍କରେ ସନ୍ଧାନ କରିବା ନିମନ୍ତେ ମର୍‌ରୁଜ୍ ଜହ୍‌ରାନ ପର୍ଯ୍ୟନ୍ତ ପ୍ରେରଣ କଲେ ।

ମିକ୍ରଜ୍ ବିନ୍ ହଫସ୍ ନାମକ ବ୍ୟକ୍ତି ପ୍ରତିନିଧି ହୋଇ ଯାଇଥିଲା ସେ କହିଲା, ହେ ମୁହମ୍ମଦ୍ ସ.ଅ ! ଆମେମାନେ ଆପଣଙ୍କୁ କେବେ ବି ଅଙ୍ଗୀକାର ଏବଂ ପ୍ରତିଶୃତି ଭଙ୍ଗ କରିଥିବାର ଦେଖି ନାହୁଁ । ପ୍ରତ୍ୟୁତ୍ତରରେ ନବୀ କରୀମ୍ ସ.ଅ କହିଲେ, ହେ ମିକ୍ରଜ୍ ଆମେମାନେ ସନ୍ଧି ପତ୍ରରେ ଉଲ୍ଲିଖିତ ଥିବା ସର୍ତ୍ତାନୁଯାୟୀ ବିନା ଅସ୍ତ୍ରରେ ମକ୍କାରେ ପ୍ରବେଶ କରିବୁ । ଏକଥା ଶୁଣି ଅବିଶ୍ୱାସାକାରୀମାନେ ଆଶ୍ୱସ୍ତ ହୋଇଗଲେ । ପ୍ରତ୍ୟୁତ୍ତରରେ ମିକ୍ରଜ୍ କହିଲା, ଏହି କାରଣ ରହଛି ଯେ, ଆମେମାନେ ଆପଣଙ୍କୁ ପୁଣ୍ୟ ଏବଂ ବିଶ୍ୱସ୍ତତାର ସମାହାର ବୋଲି ମନେକରି ଆସୁଛୁ । ମିକ୍ରଜ୍ ଜଣେ ଅବିଶ୍ୱାସକାରୀ ବ୍ୟକ୍ତି ଅଟେ । ସେ ଏକଥା କହୁଛି ଯେ, ଆମନେମାନେ ଆପଣଙ୍କୁ (ଆଁହଜରତ ସ.ଅଙ୍କୁ) ପୁଣ୍ୟ ଏବଂ ବିଶ୍ୱସ୍ତତାର ସମାହାର ବୋଲି ମନେକରୁଛୁ । ଆଁହଜରତ ସ.ଅ ହ. ବଶୀର୍ ବିନ୍ ସାଆଦ୍ ର.ଅଙ୍କ ଅଧୀନରେ କେତେକ ସାହାବାମାନଙ୍କୁ ଅସ୍ତ୍ରର ରକ୍ଷା କରିବା ନିମନ୍ତେ ନିଯୁକ୍ତ କଲେ । ଚୁକ୍ତିର ସର୍ତ୍ତାନୁଯାୟୀ ସାହାବାମାନଙ୍କ ନିକଟରେ ଖଡ଼ଗ ବ୍ୟତୀତ ଅନ୍ୟ କୌଣସି ଅସ୍ତ୍ର ନଥିଲା । ଆପଣ ସ.ଅ ସାହାବାମାନଙ୍କ ସମୂହ ସହିତ ତଲ୍‌ବିୟାହ୍ କରି ହରମ୍ ଅଭିମୁଖେ ଅଗ୍ରସର ହେଲେ । କୁର୍ବାନୀର ଜୀବକୁ ଜି ତୁୱା ଆଡ଼କୁ ପ୍ରେରଣ କରିଦେଲେ । ଜି ତୁୱା ମସ୍‌ଜିଦେ ହରାମ୍ ଠାରୁ ଅର୍ଦ୍ଧ ମାଇଲ୍ ବ୍ୟବଧାନରେ ମକ୍କାର ଏକ ଉପତ୍ୟକା ଅଟେ । ଆପଣ ସ.ଅ ନିଜର ଓଟ କସ୍‌ୱା ଉପରେ ଆରୋହଣ ହୋଇଥିଲେ । ଆପଣ ହଜୁନ୍ ପଟ ଦେଇ ମକ୍କାରେ ପ୍ରବେଶ କଲେ । ହଜୁନ୍ ମୁହସ୍‌ସବ୍ ଉପତ୍ୟକା ଦିଗରେ ଅବସ୍ଥିତ ଏକ ପର୍ବତ ଅଟେ । ଏହା ବୈତୁଲ୍ଲାଃ ଠାରୁ ଦେଢ ମାଇଲ୍ ଦୂରରେ ଅବସ୍ଥିତ ଅଟେ । **(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-90-91, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ଜୀବନୀ ଶବ୍ଦକୋଷ, ପୃ-100, 180, ଜୱାର୍ ଏକାଡ଼େମୀ କରାଚୀ)(ଦାଏରାହ୍ ମୁଆରିଫ୍, ସିରତ୍, ଭାଗ-8, ପୃ-485-487, ବଜ୍‌ମେ ଇକ୍‌ବାଲ୍ ଲାହୋର) (ମୁଉଜିମୁଲ୍ ବଲ୍‌ଦାନ୍, ପୃ-**

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

**357ସ ଅଲଫସିଲ୍ ନାଶିରାନ, ଉର୍ଦ୍ଦୁ ବଜାର ଲାହୋର୍)**

ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଉମ୍ରତୁଲ୍ କଜା ଅବସରରେ ମକ୍କାରେ ପ୍ରବେଶ କଲେ ଏବଂ ହ. ଅବ୍ଦୁଲ୍ଲାଃ ବିନ୍ ରୱାହା ର.ଅ ଆପଣ ସ.ଅଙ୍କ ଆଗେ ଆଗେ ଚାଲୁଥିଲେ । ଅବ୍ଦୁଲ୍ଲାଃ ବିନ୍ ରୱାହା କହୁଥିଲେ, ହେ ଅବିଶ୍ୱାସକାରୀଙ୍କର ସନ୍ତାନ ! ଆଁହଜରତ ସ.ଅଙ୍କୁ ବାଟ ଦିଅ (ରାସ୍ତା ଛାଡ଼) । ଆପଣ ସ.ଅଙ୍କ ଆଦେଶାନୁକ୍ରମେ ଆମେ ଆଜି ତୁମମାନଙ୍କୁ ଏମିତି ମାଡ଼ ମାରିବୁ ଯେ, ତୁମମାନଙ୍କର ସ୍କନ୍ଧଚ୍ୟୁତ ହୋଇଯିବ ଏବଂ ବନ୍ଧୁକୁ ବନ୍ଧୁ ମଧ୍ୟ ଚିହ୍ନି ପାରିବ ନାହିଁ । ହ. ଉମର୍ ର.ଅ ତାଙ୍କୁ କହିଲେ, ହେ ଇବନେ ରୱାହା ! ରସୁଲୁଲ୍ଲାଃ ସ.ଅଙ୍କ ସମ୍ମୁଖରେ ଏବଂ ଅଲ୍ଲାଃତାଲାଙ୍କ ହରମ୍‌ରେ ଏହି କବିତା ପାଠ କରୁଛ ? ଏହା ତ' ତୁମେ ଭୁଲ୍ କଥା କହୁଛ । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଉମର୍ ! ତା'କୁ ଛାଡ଼ିଦିଅ । କାରଣ ଏହି କବିତା ତୀର ଅପେକ୍ଷା ଅଧିକ ପ୍ରଭାବଶାଳୀ ଅଟେ । **(ତିର୍ମିଜି ଅବୱାବୁଲ୍ ଅଦବ୍, ବାବ୍- ମା ଯାଆ ଫି ଇନଶାଦି ଶେଏରି, ହଦିସ୍ ସଂଖ୍ୟା-2847)**

ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ ହ. ଉମର୍ ର.ଅ ଅବ୍ଦୁଲ୍ଲାଃ ବିନ୍ ରୱାହା ର.ଅଙ୍କୁ କବିତା ପାଠ କରିବାକୁ ଅଟକାଇବାକୁ ଲାଗିଲେ ସେତେବେଳେ ଆଁହଜରତ ସ.ଅ ହ. ଉମର୍ ର.ଅଙ୍କୁ କହିଲେ, ହେ ଉମର୍! ଅବ୍ଦୁଲ୍ଲାଃ ବିନ୍ ରୱାହା ଯାହା କହୁଛନ୍ତି ମୁଁ ଶୁଣୁଅଛି । ଏହାପରେ ହ. ଉମର୍ ର.ଅ ନୀରବ ହୋଇଗଲେ ଏବଂ ପୁନଶ୍ଚ ନବୀ କରୀମ୍ ସ.ଅ ହ. ଅବ୍ଦୁଲ୍ଲାଃ ବିନ୍ ରୱାହାଙ୍କୁ କହିଲେ, ହେ ଅବ୍ଦୁଲ୍ଲାଃ ବିନ ରୱାହା ! ତୁମେ ଯେଉଁ କବିତାଟି ପାଠ କରୁଛି ତାହା ତ' ଉତ୍ସାହବାହୀମୂଳକ କବିତା ଅଟେ । ତୁମେ ଏପରି କବିତା କୁହ ନାହିଁ ବରଂ ତୁମେ ଏହା କୁହ କି لَا إِلٰهَ إِلَّا اللّٰهُ وَحْدَهُ نَصَرَ عَبْدَهُ وَأَعَزَّ جُنْدَهُ وَهَزَمَ الْأَحْزَابَ وَحْدَهُ ଅର୍ଥାତ୍ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି । ସେ ଏକ ଓ ଅଦ୍ୱିତୀୟ ଅଟନ୍ତି । ସେ ନିଜ ଭକ୍ତକୁ ସାହାଯ୍ୟ କଲେ ଏବଂ ନିଜର ସୈନ୍ୟବାହିନୀକୁ ସମ୍ମାନ ପ୍ରଦାନ କଲେ ଏବଂ ନିଜେ ଏକୁଟିଆ ହିଁ ସମସ୍ତ ସୈନ୍ୟବାହିନୀକୁ ପରାସ୍ତ କଲେ ।

**(ଶରହୁଜ୍ ଜର୍କାନୀ, ଭାଗ-3, ପୃ-320, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଉକ୍ତ ଘଟଣାକୁ ହ. ମୁସ୍‌ଲେହ୍ ମଉଦ୍ ର. ନିଜ ଶବ୍ଦରେ ବର୍ଣ୍ଣନା କରିଛନ୍ତି ଯେ, "ଯେତେବେଳେ ଆପଣ ମରଉଜ୍ ଜହ୍‌ରାନ୍ ପର୍ଯ୍ୟନ୍ତ ପହଞ୍ଚିଲେ ସେତେବେଳେ ଚୁକ୍ତି ଅନୁଯାୟୀ ଆପଣ ସ.ଅ ସମସ୍ତ ବଡ଼ ବଡ଼ ଅସ୍ତ୍ର ଏବଂ ଲୌହ ପୋଷାକ ସେଠାରେ ଏକତ୍ରିତ କରିଦେଲେ ଏବଂ ସ୍ୱୟଂ ନିଜର ସାହାମାନଙ୍କ ସମେତ ଚୁକ୍ତି ଅନୁଯାୟୀ କେବଳ ଖୋଳରେ ବନ୍ଦ ଥିବା ଖଡ଼୍‌ଗ ସହିତ ହରମ୍‌ରେ (ନିଷିଦ୍ଧାଞ୍ଚଳ)ରେ ପ୍ରବେଶ କଲେ । ମରଉଜ୍ ଦହ୍‌ରାନ୍ ମକ୍କା ଠାରୁ ଏକ ଶିବିର ବ୍ୟବଧାନରେ ଅବସ୍ଥିତ ଏକ ସ୍ଥାନ ଅଟେ । ସାତ ବର୍ଷ ପରେ ନିଜ ମାତୃଭୂମିରୁ ନିର୍ବାସିତ ହୋଇ ପ୍ରବାସକାରୀଙ୍କ ମକ୍କାର ପାବନ ଭୂମିରେ ପ୍ରବେଶ କରିବା କୌଣସି ସାଧାରଣ କଥା ନଥିଲା । ସେହି ପ୍ରବାସକାରୀମାନେ ଯେତେବେଳେ ମକ୍କାରେ ବାସ କରୁଥିଲେ ସେତେବେଳେ ସେମାନଙ୍କ ଉପରେ ନାନା ଅକଥନୀୟ ଅତ୍ୟାଚାର ହେଉଥିଲା ଓ ସେମାନେ ନାନା ନିର୍ଯ୍ୟାତନା ସହ୍ୟ କରୁଥିଲେ ସେହି ଅତ୍ୟାଚାର ଏବଂ ନିର୍ଯ୍ୟାତନା କଥାକୁ ଭାବି ଭାବି ପ୍ରବାସକାରୀମାନଙ୍କ ଆଖିରୁ ରକ୍ତର ଲୁହ ଝରି ଯାଉଥିଲେ । ଅର୍ଥାତ୍ କାନ୍ଦୁଥିଲେ। ଅନ୍ୟ ପାର୍ଶ୍ୱରେ ଅଲ୍ଲାଃତାଲାଙ୍କ ଏହି କୃପାକୁ ଦେଖି କି ପୁନଶ୍ଚ ଅଲ୍ଲାଃତାଲା ସେମାନଙ୍କୁ ଖାନା କାଆବାର ପରିକ୍ରମା କରିବା ନିମନ୍ତେ ସୌଭାଗ୍ୟ ପ୍ରଦାନ କରିଛନ୍ତି । ତେଣୁ ସେମାନେ ସମସ୍ତେ ଆନନ୍ଦିତ ମଧ୍ୟ ହେଉଥିଲେ । ମକ୍କାବାସୀମାନେ ମକ୍କାରୁ ବାହାରି ପର୍ବତର ଶୀର୍ଷ ଭାଗରେ ଛିଡ଼ା ହୋଇ ମୁସଲମାନମାନଙ୍କୁ ଦେଖୁଥିଲେ । ମୁସଲମାନମାନଙ୍କର ମନ ଏହା ଚାହୁଁଥିଲା କି ସେମାନେ ଆଜି ତାହା ପ୍ରକାଶିତ କରିଦେବେ ଯେ, ଈଶ୍ୱର ସେମାନଙ୍କୁ ପୁନଃ ମକ୍କାରେ ପ୍ରବେଶ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଛନ୍ତି ଅବା ନୁହେଁ । ସୁତରାଂ ହ. ଅବ୍ଦୁଲ୍ଲାଃ ବିନ୍ ରୱାହା ର.ଅ ଇତ୍ୟବସରରେ ଯୁଦ୍ଧ ଗୀତି ଗାଇବାକୁ ଲାଗିଲେ । କିନ୍ତୁ ରସୁଲୁଲ୍ଲାଃ ସ.ଅ ତାଙ୍କୁ ଅଟକାଇ ଦେଲେ ଏବଂ କହିଲେ, ହେ ଅବ୍ଦୁଲ୍ଲାଃ ତୁମେ ଏପରି କବିତା ପାଠ କର ନାହିଁ । ବରଂ ଏହା କୁହ କିଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି। ସେ ଏକ ଓ ଅଦ୍ୱିତୀୟ ଅଟନ୍ତି । ସେ ନିଜର ବାର୍ତ୍ତାବହଙ୍କୁ ସାହାଯ୍ୟ କଲେ ଏବଂ ବିଶ୍ୱାସକାରୀମାନଙ୍କୁ ତିରସ୍କାରର ଗର୍ତ୍ତ ମଧ୍ୟରୁ କାଢି ସେମାନଙ୍କୁ ସମ୍ମାନ ପ୍ରଦାନ କଲେ । କେବଳ ଈଶ୍ୱର ହିଁ ଅଟନ୍ତି ଯିଏ ଶତ୍ରୁମାନଙ୍କୁ ବିଶ୍ୱାସକାରୀଙ୍କ ସମ୍ମୁଖରୁ ତଡ଼ି ଦେଲେ ।

**(ଦିବାଚା ତଫସିରୁଲ୍ କୁରଆନ୍, ଅନୱାରୁଲ୍ ଉଲୁମ୍, ଭାଗ-20, ପୃ-329)**

ହ. ଇବ୍‌ନେ ଅବି ଔଫା ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ରସୁଲୁଲ୍ଲାଃ ସ.ଅ ଉମ୍ରାହ୍ କଲେ ସେତେବେଳେ ଆମେମାନେ ମୁସ୍‌ରିକିନ୍‌ମାନଙ୍କ ଯୁବକମାନଙ୍କ ଦ୍ୱାରା ଆଁହଜରତ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରାଉଥିଲୁ । ଅର୍ଥାତ୍ ଏହି ଲୋକମାନେ ଆଁହଜରତ ସ.ଅଙ୍କୁ ଦୁଃଖ କଷ୍ଟ ଦେବା ପରିବର୍ତ୍ତେ ଆପଣ ସ.ଅଙ୍କର ପ୍ରହରା ଦେଉଥିଲେ ।

**(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଉମ୍ରତୁଲ୍ କଜା, ହଦିସ୍ ନଂ-4255)**

ରସୁଲ୍ କରୀମ୍ ସ.ଅ ଯେତେବେଳେ ମକ୍କାରେ ପ୍ରବେଶ କଲେ ସେତେବେଳେ କୁରୈଶ୍‌ର କେତେକ ଅବଜ୍ଞାକାରୀମାନେ ଆଁହଜରତ ସ.ଅଙ୍କ ପ୍ରତି ବିଦ୍ୱେଷ ଏବଂ ଶତ୍ରୁତା ଯୋଗୁଁ ଆଁହଜରତ ସ.ଅ ଓ ସାହାବାମାନଙ୍କର ବୈତୁଲ୍ଲାଃ ପରିକ୍ରମାର ଦୃଶ୍ୟକୁ ନ ଦେଖି ପାରିବା ଯୋଗୁଁ ପର୍ବତ ଉପରେ ଚଢିଗଲେ । କିନ୍ତୁ କେତେକ ଅବିଶ୍ୱାସକାରୀମାନେ ଦାରୁନ୍ ନଦୱା ଠାରେ ଏକତ୍ରିତ ହୋଇଗଲେ । ସେଠାରେ ଛିଡ଼ା ହୋଇ ପରିକ୍ରମାର ଦୃଶ୍ୟ ଅବଲୋକନ (ଦେଖିବାକୁ ଲାଗିଲେ) କରିବାକୁ ଲାଗିଲେ ଏବଂ କହିବାକୁ ଲାଗିଲେ ଯେ, ଏହି ମୁସଲମାନମାନେ କ'ଣ ବା ପରିକ୍ରମା କରିବେ, ଏମାନଙ୍କୁ ତ' ଭୋକ ଏବଂ ମଦିନାର ଜ୍ୱର ଦୁର୍ବଳ କରି ପକାଇଛି ? ହୁଜୁର ସ.ଅ ମସ୍‌ଜିଦେ ହରାମ୍ ଠାରେ ପହଞ୍ଚି ଇଜ୍‌ତିବା କରିନେଲେ । ଅର୍ଥାତ୍ ଚଦରକୁ ଏପରି ଭାବରେ ଘୋଡ଼ାଇ ନେଲେ ଯେପରିକି ଆପଣ ସ.ଅଙ୍କ ଡାହାଣ କାନ୍ଧ ଏବଂ ଡାହାଣ ହାତ ଖୋଲିଗଲା ଏବଂ ଆପଣ ସ.ଅ କହିଲେ, "ଯେଉଁ ବ୍ୟକ୍ତି ଏହି ଅବିଶ୍ୱସାକାରୀଙ୍କ ସମ୍ମୁଖରେ ନିଜର ଶକ୍ତି ପ୍ରଦର୍ଶନ (ପରିପ୍ରକାଶ କରିବ) କରିବେ ସେହି ବ୍ୟକ୍ତି ଉପରେ ଅଲ୍ଲାଃତାଲା ନିଜର ଦୟାବର୍ତ୍ତୀର୍ଣ୍ଣ କରନ୍ତୁ ।" ସୁତରାଂ ଏତଦ୍‌ପରେ ଆପଣ ସ.ଅ ନିଜର ସାହାବାମାନଙ୍କ ସହିତ ପରିକ୍ରମାର ପ୍ରଥମ ତିନି ପରିକ୍ରମାରେ ନିଜର କାନ୍ଧକୁ ହଲାଇ ଛାତି ଫୁଲାଇ ପରିକ୍ରମା କଲେ । ଆପଣ ସ.ଅ ଏହା ପରିପ୍ରକାଶ କଲେ ଯେ, ହେ କୁଫ୍ଫାର୍ ! ତୁମେମାନେ ଆମମାନଙ୍କୁ ଦୁର୍ବଳ ବୋଲି ମନେକରୁଛ କିନ୍ତୁ ଆମେମାନେ ଦୁର୍ବଳ ନାହୁଁ ।

ହୁଜୁର ଅନୱର୍ ଅ.ବ କହିଲେ, ବୁଖାରୀରେ ଏଥି ସଂକ୍ରାନ୍ତରେ ହ. ଇବ୍‌ନେ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଏବଂ ଆପଣ ସ.ଅଙ୍କ ସାହାବାମାନେ ଯେତେବେଳେ ଆସିଲେ ସେତେବେଳେ ମକ୍କାର ଅବିଶ୍ୱାସକାରୀମାନେ କହିଲେ, ତୁମ ନିକଟକୁ ଏପରି ଲୋକମାନେ ଆସୁଛନ୍ତି ଯେଉଁମାନଙ୍କୁ ମଦିନାର ଜ୍ୱର ଦୁର୍ବଳ କରି ପକାଇଛି । ନବୀ କରୀମ୍ ସ.ଅ ସେମାନଙ୍କୁ (ନିଜର ସାହାବାମାନଙ୍କୁ) ଆଦେଶ ଦେଲେ ଯେ,ସେମାନେ ବୈତୁଲ୍ଲାଃର ତିନିଥର ପରିକ୍ରମା କରନ୍ତୁ । ଏହି ପ୍ରକ୍ରିୟାକୁ ଆରବୀ ଭାଷାରେ ରମଲ୍ କୁହନ୍ତି । ଖାନା କାଆବାର ପ୍ରତ୍ୟେକ ପରିକ୍ରମାକାରୀକୁ ପ୍ରାରମ୍ଭରେ ତିନି ଥର ପରିକ୍ରମା କରିବା ପରେ ଯାଇ ଏହି ରମଲ୍ ସମ୍ପାଦିତ ହୁଏ। ଆପଣ ସ.ଅ ସାହାବାମାନଙ୍କ ପ୍ରତି ସଦୟ ହୋଇ ସେମାନଙ୍କୁ ଅନ୍ୟ ସମସ୍ତ ପରିକ୍ରମାରେ ଦଉଡ଼ିବା ନିମନ୍ତେ ଆଦେଶ ଦେଲେ ନାହିଁ ।

ହ. ଇବ୍‌ନେ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ବୈତୁଲ୍ଲାଃ ଏବଂ ସଫା ଓ ମରୱା ନାମକ ପର୍ବତ ମଧ୍ୟରେ ଦଉଡ଼ି ନିଜର ଉମ୍ରାହ୍‌କୁ ସଂପୂର୍ଣ୍ଣ କଲେ। କାରଣ ଆପଣ ସ.ଅ ଅବିଶ୍ୱାସକାରୀମାନଙ୍କୁ ନିଜର ଶକ୍ତି ପ୍ରଦର୍ଶନ କରିବେ। ଏକ ବର୍ଣ୍ଣନାନୁଯାୟୀ ଆଁହଜରତ ସ.ଅ ନିଜର ବାହାନ ଉପରେ ଆରୋହଣ ହୋଇ ସଫା ଓ ମରୱା ପର୍ବତ ମଧ୍ୟରେ ଦଉଡ଼ିଥିଲେ । ଆଁହଜରତ ସ.ଅ ଏବଂ ମୁସଲମାନମାନେ ମରୱା ନିକଟବର୍ତ୍ତୀ କୁର୍ବାନୀ କରିଥିଲେ । ଏତଦ୍‌ପରେ ଆଁହଜରତ ସ.ଅ କେତେକ ସାହାବାମାନଙ୍କୁ ୟାଜଜ୍ ନାମକ ସ୍ଥାନରେ ଅସ୍ତ୍ରଶସ୍ତ୍ର ନିର୍ଦ୍ଦିଷ୍ଟ ସାହାବାମାନଙ୍କ ନିକଟରେ ପ୍ରେରଣ କରିଦେଲେ । କାରଣ ଏହି ସାହାବାମାନେ ଉମ୍ରାହ୍‌କାରୀଙ୍କ ସ୍ଥାନରେ ଡ୍ୟୁଟି ଦିଅନ୍ତୁ । ଉମ୍ରାହ୍‌କାରୀମାନେ ଯେତେବେଳେ ଉମ୍ରାହ୍ ସାରିଦେବେ ସେତେବେଳେ ଏହି ଡ୍ୟୁଟି ଦେଉଥିବା ସାହାବାମାନେ ମଧ୍ୟ ଆସି ଉମ୍ରାହ୍ ଓ କୁର୍ବାନୀ ଇତ୍ୟାଦି କରି ନିଅନ୍ତୁ । **(ଶରହୁଜ୍ ଜର୍କାନୀ, ଭାଗ-3, ପୃ-322, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-717, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଲୁଗାତୁଲ୍ ହଦିସ୍, ଭାଗ-2, ପୃ-163) (ସହି ବୁଖାରୀ, କିତାବୁଲ୍ ହଜ୍, ବାବ୍-ଫିସ୍ ସଈ ବୈନସ୍ ସଫା ୱଲ୍ ମରୱତା, ହଦିସ୍ ନଂ-1649)**

ହୁଜୁର ଅନୱର୍ ଅ.ବ କହିଲେ, ଯେଉଁମାନେ ସେଠାରେ ପୂର୍ବରୁ ଡ୍ୟୁଟିରେ ମୁତୟନ ହୋଇଥିଲେ ସେମାନଙ୍କୁ କହିଲେ କି ସେମାନେ ଆସି ଯାଆନ୍ତୁ ଏବଂ ଉମ୍ରାହ୍ ଆଦି କରି ନିଅନ୍ତୁ ଓ କିଛି ନୂଆ ଲୋକଙ୍କୁ ସେଠାକୁ ପ୍ରେରଣ କରିଦେଲେ । କାରଣ ସେମାନେ ଏହି ଲୋକମାନଙ୍କ ସ୍ଥାନରେ ଯାଇ ଡ୍ୟୁଟି ସମ୍ଭାଳନ୍ତୁ । ଇତ୍ୟବସରରେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଆଁହଜରତ ସ.ଅଙ୍କ ହ. ମୈମୁନା ର.ଅଙ୍କ ସହିତ ବିବାହ ମଧ୍ୟ ହେଲା । ଏହାର ବିବରଣୀ ଏହିପରି ଯେ, ସେହି ଯାତ୍ରାରେ ଆଁହଜରତ ସ.ଅ ମୈମୁନା ବିନ୍ତ୍ ହାରିସ୍‌ଙ୍କ ସହିତ ବିବାହ କଲେ । ଏହି ବିବାହ ହ. ଅବ୍ବାସ୍ ର.ଅ କରାଇଥିଲେ। ହ. ମୈମୁନା ର.ଅ ନିଜର ବିବାହର ଅନୁମତି ତଥା ଅଧିକାର ନିଜର ଭଉଣୀ ହ. ଉମ୍ମେ ଫଜଲ୍ ର.ଅଙ୍କୁ ଦେଇଥିଲେ । ହ. ଅବ୍ବାସ୍ ର.ଅ ତାଙ୍କର ବିବାହ ଆଁହଜରତ ସ.ଅଙ୍କ ସହିତ କରାଇ ଦେଲେ ଓ ହ. ମୈମୁନା ର.ଅଙ୍କ ମେହେର 400 ଦିରହମ୍ ଧାର୍ଯ୍ୟ ହେଲା । **(ଇବ୍‌ନେ ହିଶ୍ଶାମ୍, ପୃ-718, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ଅତ୍‌ତବ୍‌କାତୁଲ୍ କୁବ୍ରା ଲିଇବନି ସାଆଦ୍, ଭାଗ-8, ପୃ-89-90, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଏଥି ସଂକ୍ରାନ୍ତରେ ବର୍ଣ୍ଣନା କରନ୍ତି ଯେ, ହ. ଅବ୍ବାସ୍ ର.ଅଙ୍କ ଶାଳୀ ମୈମୁନା ଯିଏ ବହୁ ସମୟ ଧରି ବିଧବା ହୋଇଯାଇଥିଲେ ସେ ମକ୍କାର ଥିଲେ । ହ. ଅବ୍ବାସ୍ ର.ଅ ମୈମୁନା ର.ଅଙ୍କ ଭିଣୋଇ ଥିଲେ । ହ. ଅବ୍ବାସ୍ ର.ଅ ଏହି ଇଚ୍ଛା ବ୍ୟକ୍ତ କଲେ କି ରସୁଲୁଲ୍ଲାଃ ସ.ଅ ତାଙ୍କ ଶାଳୀ ସହିତ ବିବାହ କରି ନିଅନ୍ତୁ । ଅତଏବ୍ ଆପଣ ସ.ଅ ଏହି ପ୍ରସ୍ତାବକୁ ସ୍ୱୀକାର କଲେ ଏବଂ ହ. ମୈମୁନା ର.ଅଙ୍କ ସହିତ ଆପଣ ସ.ଅ ବିବାହ କଲେ । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନୱାରୁଲ୍ ଉଲୁମ୍, ଭାଗ-20, ପୃ-329-330)**

ଆଁହଜରତ ସ.ଅ ମକ୍କାରେ ତିନି ଦିନ ରହିଲେ । ଯେତେବେଳେ ତୃତୀୟ ଦିନ ହେଲା ସେତେବେଳେ କୁରେଶ୍‌ମାନେ ହୁୱୈତିବ୍ ବିନ୍ ଅବ୍ଦୁଲ୍ ଉଜ୍ଜାକୁ କୁରୈଶର କେତେକ ସଦସ୍ୟମାନଙ୍କ ସହିତ ଆଁହଜରତ ସ.ଅଙ୍କ ସେବାରେ ପ୍ରେରଣ କଲେ। ଏକ ବର୍ଣ୍ଣନାନୁଯାୟୀ କୁରୈଶ୍‌ମାନଙ୍କର ଏକ ପ୍ରତିନିଧି ଦଳ ହ. ଅଲୀ ର.ଅଙ୍କ ପାଖକୁ ଯାଇଥିଲା ଏବଂ କହିଲା, ହେ ଅଲୀ ! ତୁମମାନଙ୍କର ମକ୍କାରେ ଅବସ୍ଥାନ ଅବଧି ସମାପ୍ତ ହୋଇଯାଇଛି । ତେଣୁ ତୁମେମାନେ ବର୍ତ୍ତମାନ ମକ୍କାରୁ ପ୍ରସ୍ଥାନ କର। ପ୍ରତ୍ୟୁତ୍ତରରେ ହୁଜୁର ସ.ଅ କହିଲେ, ହେ କୁରୈଶ୍ ! ଆମେମାନେ ଯଦି ଆଉ କିଛି ସମୟ ଏଠାରେ ଅବସ୍ଥାନ କରୁ ତେବେ ତହିଁରେ କ'ଣ କିଛି ଅସୁବିଧା ରହିଛି କି ? ଆମେମାନେ ଏଠାରେ ବିବାହ କରି ପ୍ରୀତି ଭୋଜନ ରାନ୍ଧିବୁ । ମୋର ବିବାହ ହୋଇ ସାରିଛି ଏବଂ ମୁଁ ତୁମମାନଙ୍କୁ ମଧ୍ୟ ନିମନ୍ତ୍ରଣ ଦେବି । କୁରୈଶ୍‌ମାନେ କହିଲେ, ହେ ମୁହମ୍ମଦ୍ ! ଆମେମାନେ ତୁମର ନିମନ୍ତ୍ରଣକୁ ସ୍ୱୀକାର କରିବାକୁ ଚାହୁଁ ନାହୁଁ । ଅତଏବ୍ ଏତଦ୍‌ପରେ ଆଁହଜରତ ସ.ଅ ସାହାବାମାନଙ୍କ ସହିତ ମକ୍କାରୁ ପ୍ରସ୍ଥାନ କଲେ ଏବଂ ନିଜର ଦାସ ଅବୁ ରାଫେଙ୍କୁ ହ. ମୈମୁନା ର.ଅଙ୍କ ନିକଟରେ ଛାଡ଼ି ଦେଲେ । ସୁତରାଂ ସେ ହ. ମୈମୁନା ର.ଅଙ୍କୁ ଧରି ସରିଫ୍ ନାମକ ସ୍ଥାନରେ ଆଁହଜରତ ସ.ଅଙ୍କ ସହିତ ଯାଇ ଭେଟ ହେଲେ । ସରିଫ୍ ତନ୍‌ଇମ୍ ନିକଟବର୍ତ୍ତୀ ମକ୍କା ଠାରୁ ପ୍ରାୟ 6,7 ମାଇଲ୍ ବ୍ୟବଧାନରେ ଅବସ୍ଥିତ ଏକ ଉପତ୍ୟକା ଥିଲା ।

ହ. ମୈମୁନା ର.ଅଙ୍କ ପ୍ରକୃତ ନାମ ବର୍‌ରାହ୍ ଥିଲା । ଆଁହୁଜୁର ସ.ଅ ଏହି ନାଁକୁ ବଦଳି ତାଙ୍କର ନାମ ମୈମୁନା ରଖିଦେଲେ । ହ. ମୈମୁନା ର.ଅଙ୍କ ସହିତ ଆଁହଜରତ ସ.ଅଙ୍କ ସର୍ବଶେଷ ବିବାହ ହୋଇଥିଲା । 51 ହିଜ୍ରୀରେ ସରିଫ୍ ନାମକ ସ୍ଥାନରେ ହିଁ ଯେଉଁଠି ଆଁହଜରତ ସ.ଅଙ୍କ ସହିତ ହ. ମୈମୁନା ର.ଅଙ୍କ ସହିତ ବିଦାୟ ନେଇଥିଲେ ଏବଂ ଏହି ସ୍ଥାନରେ ହିଁ ହ. ମୈମୁନା ର.ଅଙ୍କ ବିୟୋଗ ହୋଇଥିଲା । **(ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଉମ୍ରତୁଲ୍ କଜା, ହଦିସ୍ ନଂ-4251)(ଅଲ୍ ଇସାବା, ଭାଗ-8, ପୃ-322, 324, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)(ଜୀବନୀ ଶବ୍ଦକୋଷ, ପୃ-147, ଜୱାର୍ ଏକାଡ଼େମୀ)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, ଚତୁର୍ଥ ଦିନ ମକ୍କାବାସୀମାନେ ଏହା ଦାବି କଲେ ଯେ, ହେ ମୁହମ୍ମଦ୍ ସ.ଅ ! ଆପଣ ସ.ଅ ଚୁକ୍ତି ଅନୁଯାୟୀ ମକ୍କାରୁ ବାହାରି ଯାଆନ୍ତୁ । ଆପଣ ସ.ଅ ତୁରନ୍ତ ସମସ୍ତ ସାହାବାମାନଙ୍କୁ ଆଦେଶ ଦେଲେ ଯେ, ସମସ୍ତେ ତୁରନ୍ତ ଓ ତତକ୍ଷଣାତ୍ ମକ୍କା ଛାଡ଼ି ମଦିନା ଅଭିମୁଖେ ପ୍ରସ୍ଥାନ କରନ୍ତୁ। ମକ୍କାବାସୀଙ୍କ ଭାବାବେଗକୁ ଧ୍ୟାନରେ ରଖି ନବବିବାହିତା ବଧୂ ମୈମୁନା ର.ଅଙ୍କୁ ମଧ୍ୟ ଆପଣ ସ.ଅ ନିଜ ପଛରେ ଛାଡ଼ିଦେଲେ । କାରଣ ସେ ପରେ ଜିନିଷ ପତ୍ରର ବାହାନ ସହିତ ଆସିଯିବେ ଓ ଆପଣ ସ.ଅ ନିଜେ ବାହାନକୁ ଦଉଡ଼ାଇ ହରମର ସୀମା ଠାରୁ ବାହାରକୁ ବାହାରି ଆସିଲେ ଏବଂ ସେହିଠାରେ ହିଁ ସନ୍ଧ୍ୟା ସମୟରେ ଆପଣ ସ.ଅଙ୍କ ପତ୍ନି ମୈମୁନାଙ୍କୁ ପହଞ୍ଚାଇ ଦିଆଗଲା । ହ. ମୈମୁନା ର.ଅ ସେହି ବଣରେ ହିଁ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥାପିତ ହେଲେ ।

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନୱାରୁଲ୍ ଉଲୁମ୍, ଭାଗ-20, ପୃ-330)**

ହ. ମୈମୁନା ର.ଅଙ୍କୁ ନବୀ କରୀମ୍ ସ.ଅଙ୍କ ସହିତ ସେହି ପବିତ୍ର ସାହଚର୍ଯ୍ୟର ଏହି ସ୍ଥାନ ଅତି ପ୍ରିୟ ଲାଗିଲା । ସେଇଥିପାଇଁ ସେ (ହ. ମୈମୁନା ର.ଅ) ଓସିୟତ୍ କରିଥିଲେ ଯେ, ନବୀ କରୀମ୍ ସ.ଅଙ୍କ ଶିବିର ଯେଉଁଠି ଥିଲା ଏବଂ ମୁଁ ଯେତେବେଳେ ମୃତ୍ୟୁବରଣ କରିବି ସେତେବେଳେ ମୋତେ ଏହି ସ୍ଥାନରେ ହିଁ କବର ଦେଇ ଦିଆଯାଉ । ଅର୍ଥାତ୍ ମୋତେ ଯେଉଁ ସ୍ଥାନରେ ହୁଜୁର ସ.ଅଙ୍କ ସେବାରେ ଉପସ୍ଥାପିତ କରାଯାଇଥିଲା । ବିଧାତାଙ୍କ ବିଧାନ ଏହା ହେଲା ଯେ, ହ. ମୈମୁନା ର.ଅ ହଜ୍ ନିମନ୍ତେ ଆସିଲେ ଏବଂ ସେହିଠାରେ ହିଁ ଅର୍ଥାତ୍ ମକ୍କାରେ ହିଁ ଆପଣ ର.ଅ ଅସୁସ୍ଥ ହୋଇ ଯାଇଥିଲେ । କିଛି ଦିନ ଗଲା ପରେ ଆପଣ ର.ଅ କହିଲେ, ମୋତେ ମକ୍କାରୁ ବାହାରକୁ ନେଇ ଚାଲ । କାରଣ ମୋତେ ନବୀ କରୀମ୍ ସ.ଅ କହିଥିଲେ ଯେ, ହେ ମୈମୁନା ! ତୁମର ମୃତ୍ୟୁ ମକ୍କାରେ ହେବ ନାହିଁ । ତେଣୁ ଲୋକମାନେ ତାଙ୍କୁ ମକ୍କାରୁ ଧରି ବାହାରକୁ ବାହାରି ଆସିଲେ ଏବଂ ସରିଫ୍ ନାମକ ସ୍ଥାନରେ ପହଞ୍ଚିଥିଲେ । କାରଣ ଉମ୍ମୁଲ୍ ମୁମିନିନ୍ ହ. ମୈମୁନା ର.ଅଙ୍କ ଆତ୍ମାର ପ୍ରାଣ ପକ୍ଷୀ ପଞ୍ଜୁରୀରୁ ଉଡ଼ିଗଲା । ଅର୍ଥାତ୍ ତାଙ୍କର ବିୟୋଗ ହୋଇଗଲା । ସୁତରାଂ ତାଙ୍କର ଓସିୟତ୍ ମୁତାବକ ସେହି ସରିଫ୍ ସ୍ଥାନରେ ହିଁ ତାଙ୍କୁ କବର ଦିଆ ଯାଇଥିଲା । ମୃତ୍ୟୁ ସମୟରେ ତାଙ୍କର ବୟସ 80 କିମ୍ବା 81 ବର୍ଷ ବୟସ ଥିଲା । **(ଇମ୍‌ତାଅଲ୍ ଇସ୍‌ମାଆ, ଭାଗ-12, ପୃ-212, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ଫତହୁଲ୍ ବାରି, ଭାଗ-9, ପୃ-141, ଆରାମ୍ ବାଗ୍, କରାଚୀ) (ମୁସ୍ତଦ୍‌ରିକ୍ ଅଲସ୍ ସହିହୈନ୍, ଭାଗ-4, ପୃ-398, ହଦିସ୍ ନଂ-6936)**

ଉକ୍ତ ଯାତ୍ରାରେ ହ. ହମ୍‌ଜା ର.ଅଙ୍କ ସୁପୁତ୍ରୀଙ୍କ ଘଟଣାର ମଧ୍ୟ ଚର୍ଚ୍ଚା ମିଳେ । ହ. ବରାଅ ର.ଅ ବର୍ଣ୍ଣନା କଲେ ଯେ, ନବୀ କରୀମ୍ ସ.ଅ ଯେତେବେଳେ ମକ୍କାରୁ ଯିବାକୁ ଲାଗିଲେ ସେତେବେଳେ ହ. ହମ୍‌ଜା ର.ଅଙ୍କ କନ୍ୟା ଆପଣ ସ.ଅଙ୍କ ପଛେ ପଛେ ଡାକି ଦଉଡ଼ି ଆସିଲେ ଏବଂ କହିଲେ, ହେ ମୋର ଚଚା ! ହେ ମୋର ଚଚା ! ପ୍ରତ୍ୟୁତ୍ତରରେ ହ. ଅଲୀ ର.ଅ ସେହି କନ୍ୟାକୁ ନେଇନେଲେ । ତା'ର ହାତ ଧରିନେଲେ ଏବଂ ହ. ଫାତିମା ର.ଅଙ୍କୁ କହିଲେ, ହେ ଫାତିମା ! ନିଜ ଚଚାଙ୍କ ପୁତ୍ରୀଙ୍କୁ ନେଇ ନିଅ। ହ. ଫାତିମା ର.ଅ ତା'କୁ ନିଜର ବାହାନ ଉପରେ ଆରୋହଣ କରାଇ ନେଲେ (ବସାଇ ନେଲେ) । ହ. ଅଲୀ ର.ଅ, ହ. ଜୈଦ୍ ର.ଅ ଓ ହ. ଜାଫର୍ ର.ଅ ତାଙ୍କ ସଂପର୍କରେ କଳହ କରିବାକୁ ଲାଗିଲେ । ହ. ଅଲୀ ର.ଅ କହିଲେ, ମୁଁ ଏହି କନ୍ୟାକୁ ନେଇଛି ଏବଂ ଏହି କନ୍ୟା ମୋ ଚଚାଙ୍କ ଝିଅ ଅଟେ । ହ. ଜାଫର୍ ର.ଅ କହିଲେ, ନା ନା ଏହି କନ୍ୟା ମୋ ଚଚାଙ୍କ ଝିଅ ଏବଂ ତା' ଖାଲା ମୋର ପତ୍ନି ଅଟେ । ହ. ଜୈଦ୍ ର.ଅ କହିଲେ, ଏହି ଝିଅ ମୋ ଭାଇର ଝିଅ ଅଟେ । ଅତଏବ୍ ନବୀ କରୀମ୍ ସ.ଅ ଏହାର ନିଷ୍ପତ୍ତି ତା' ଖାଲା ସପକ୍ଷରେ କଲେ ଏବଂ କହିଲେ ଖାଲା ମା'ର ମର୍ଯ୍ୟାଦା ତୁଲ୍ୟ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ସମସ୍ୟାର ସମାଧାନ ମଧ୍ୟ ହୋଇଗାଲା ଯାହା ବିଚାରାଳୟରେ (କୋର୍ଟ କଚେରୀରେ) ଅନେକ ପ୍ରକାରର କଳହ ହୋଇଥାଏ। ଆପଣ ସ.ଅ କହିଲେ, ଖାଲା ମା'ର ମର୍ଯ୍ୟାଦା ତୁଲ୍ୟ ଅଟେ । ତେଣୁ ସେହି ଝିଅକୁ ଖାଲାକୁ ଦେଇ ଦିଆଗଲା ଏବଂ ହ. ଅଲୀ ର.ଅଙ୍କୁ କହିଲେ, ହେ ଅଲୀ ତୁମେ ମୋ ଠାରୁ ଅଟ ଓ ମୁଁ ତୁମ ଠାରୁ ଅଟେ । ଅର୍ଥାତ୍ ଆଁହଜରତ ସ.ଅ ହ. ଅଲୀ ର.ଅଙ୍କ ମନ ରଖିଲେ ଏବଂ ତାଙ୍କୁ ସାନ୍ତ୍ୱନା ଦେଲେ । ଆପଣ ସ.ଅ ହ. ଜାଫର୍ ର.ଅଙ୍କୁ କହିଲେ, ହେ ଜାଫର୍ ! ତୁମେ ମୁଖାକୃତି ଏବଂ ଚରିତ୍ରରେ ମୋ ସହିତ ସାମଞ୍ଜସ୍ୟତା ରଖୁଛ। ଆପଣ ସ.ଅ ହ. ଜୈଦ୍ ର.ଅଙ୍କୁ କହିଲେ, ହେ ଜୈଦ୍ ! ତୁମେ ମୋର ଭାଇ ଅଟ ଏବଂ ମୋ ଦ୍ୱାରା ତୁମକୁ ଦାସତ୍ୱ ବେଡ଼ୀରୁ ମୁକ୍ତି ମିଳିଛି । ହ. ଅଲୀ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ହ. ହମ୍‌ଜା ର.ଅଙ୍କ କନ୍ୟାକୁ ବିବାହ କରିବେ କି ? ଆପଣ ସ.ଅ କହିଲେ, ହେ ଅଲୀ ! ସେହି ଝିଅ ମୋ ରିଜାଇ (ଅର୍ଥାତ୍ କନ୍ୟାର ମାତା ମୋତ ବାଲ୍ୟ କାଳରେ କ୍ଷୀର ପାନ କରାଇଥିଲେ ସେହି ହେତୁ) ଭାଇର କନ୍ୟା ଅଟେ । ତେଣୁ ତା' ସହିତ ବିବାହ ହୋଇ ପାରିବ ନାହିଁ । ଆଁହଜରତ ସ.ଅ ଜୁଲା ହଜ୍ଜା ମାସରେ ମଦିନାରୁ ଫେରି ଆସିଲେ । **(ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଉମ୍ରତୁଲ୍ କଜା, ହଦିସ୍ ନଂ-4251)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ସରୀୟା ରହିଛି । ସରୀୟା ଅଖ୍ରମ୍ ବିନ୍ ଅବି ଔଜା ବନୁ ସୁଲୈମ୍ ଅଭିମୁଖେ । ଏହି ସୀରୟା ଜୁଲ୍ ହଜ୍ଜା 7 ହିଜ୍ରୀରେ ହୋଇଥିଲା । ରସୁଲୁଲ୍ଲାଃ ସ.ଅ ହ. ଅଖ୍ରମ୍‌ଙ୍କୁ 50 ଜଣ ଲୋକଙ୍କ ସହିତ ବନୁ ସୁଲୈମ୍ ସଂପ୍ରଦାୟ ଆଡ଼କୁ ପ୍ରେରଣ କଲେ । ଏହି ସଂପ୍ରଦାୟ ମଦିନାରେ ବାସ କରୁଥିଲେ। ବନୁ ସୁଲୈମ୍‌ର ଜଣେ ଗୁଇନ୍ଦା ହ. ଅଖ୍ରମ୍‌ଙ୍କ ସହିତ ଥିଲା । ସେ ଆଗକୁ ଯାଇ ନିଜ ସଂପ୍ରଦାୟକୁ ସତର୍କ କରିଦେଲା ଏବଂ ସେମାନେ ଏକ ବିଶାଳ ସୈନ୍ୟବାହିନୀ


### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଏକତ୍ରିତ କରିନେଲେ । ଯେତେବେଳେ ହ. ଅଖ୍ରମ୍ ସେମାନଙ୍କ ନିକଟରେ ପହଞ୍ଚିଲେ ସେତେବେଳେ ବନୁ ସୁଲୈମ୍ ସଂପ୍ରଦାୟ ଏମାନଙ୍କ (ମୁସଲମାନମାନଙ୍କ) ସହିତ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ ଥିଲେ । ହ. ଅଖ୍ରମ୍ ର.ଅ ସେମାନଙ୍କୁ ଯେତେବେଳେ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କଲେ ସେତେବେଳେ ସେମାନେ କହିଲେ, ହେ ଅଖ୍ରମ୍ ! ତୁମେ ଆମମାନଙ୍କୁ ଯେଉଁ ଆଡ଼କୁ ଡାକୁଛ ଆମକୁ ତା'ର କୌଣସି ଆବଶ୍ୟକତା ନାହିଁ । ଏତଦ୍‌ପରେ ଉଭୟ ପଟୁ କିଛି ତୀର ଚାଳନା ହେଲା । ଇତି ମଧ୍ୟରେ ବନୁ ସୁଲୈମ୍ ସଂପ୍ରଦାୟ ନିମନ୍ତେ ଅତିରିକ୍ତ ସୈନ୍ୟ ଚୁକୁଡ଼ି ଆସିଗଲା । ସେମାନେ ମୁସଲମାନମାନଙ୍କୁ ପ୍ରତ୍ୟେକ ପାର୍ଶ୍ୱରୁ ଘେରିନେଲେ । ମୁସଲମାନମାନେ ଘମାଘୋଡ଼ ଯୁଦ୍ଧ କଲେ । ଏପର୍ଯ୍ୟନ୍ତକି ମୁସଲମାନମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ଶହୀଦ୍ ହୋଇଗଲେ ଏବଂ ହ. ଅଖ୍ରମ୍ ର.ଅ ମଧ୍ୟ ପ୍ରତିପକ୍ଷଙ୍କ ସହିତ ଘମାଘୋଡ଼ ଯୁଦ୍ଧ ଲଢ଼ି ପରିଶେଷରେ ଆହତ ହୋଇ ତଳେ ପଡ଼ିଗଲେ । ପୁନଶ୍ଚ 1 ସିଫର୍ 8 ହିଜ୍ରୀରେ ରସୁଲୁଲ୍ଲାଃ ସ.ଅଙ୍କ ପାଖରେ ଆପଣ ପହଞ୍ଚିଗଲେ । **(ଅତ୍‌ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-2, ପୃ-94, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତରୁ ଉଦ୍ଧୃତ) (ଜୀବନୀ ଶବ୍ଦକୋଷ, ପୃ-155, ଜୱାର୍ ଏକାଡ଼େମୀ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ସରୀୟା ରହିଛି । ସେହି ସରୀୟା ହେଲା ସରୀୟା ଗାଲିବ୍ ବିନ୍ ଅବ୍‌ଦୁଲ୍ଲାଃ ଲୈସି କଦିଦ୍ ଅଭିମୁଖେ । ରସୁଲୁଲ୍ଲାଃ ସ.ଅ ହ. ଗାଲିବ୍ ବିନ୍ ଅବ୍‌ଦୁଲ୍ଲାଃ ଲୈସି ର.ଅଙ୍କୁ ସିଫର୍ ମାସ 8 ହିଜ୍ରୀରେ ବନୁ ଲୈସ୍ ସଂପ୍ରଦାୟର ଶାଖା ବନୁ ମୁଲୱିହ୍ ଆଡ଼କୁ ପ୍ରେରଣ କରିଥିଲେ । ବନୁ ମୁଲୱିହ୍ କଦିଦ୍ ଠାରେ ରହୁଥିଲେ । କଦିଦ୍ ମଦିନା ଠାରୁ ପ୍ରାୟ 208 ମାଇଲ୍ ଦୂରାତାରେ ଅବସ୍ଥିତ ଥିଲା । **(ଗଜୱାତ୍ ଓ ସରାୟା, ଲେଖକ-ମୁହମ୍ମଦ୍ ଅଜହର୍ ଫରିଦ୍ ଶାହ୍, ପୃ-413, ଫରିଦ୍ ପବ୍ଲିଶର୍ସ, ସାହିୱାଲ୍)(ଶରହୁଜ୍ ଜର୍କାନୀ, ଭାଗ-3, ପୃ-322, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)(ଜୀବନୀ ଶବ୍ଦକୋଷ, ସିରତୁନ୍ ନବୀ ସ.ଅ, ପୃ-188, ଜମ୍ ଜମ୍ ପବ୍ଲିଶର୍ସ)**

ସହି ବୁଖାରୀରେ ଉଲ୍ଲେଖ ରହିଛି ଯେ, କଦିଦ୍, ଉସ୍‌ଫାନ୍ ଏବଂ କୁଦୈଦ୍ ମଧ୍ୟରେ ଏକ ଝରଣା ଅଟେ । **(ବୁଖାରୀ, କିତାବୁସ୍ ସୌମ୍, ବାବ୍-ଇଜା ସାମା ଅୟ୍ୟାମମ୍ ମିନ୍ ରମ୍‌ଜାନା, ସୁମ୍ମା ସାଫରା, ହଦିସ୍ ନଂ-1944)**

ଏକ ବର୍ଣ୍ଣନାନୁଯାୟୀ ରସୁଲୁଲ୍ଲାଃ ସ.ଅ ହ. ଗାଲିବ୍ ବିନ୍ ଅବ୍‌ଦୁଲ୍ଲାଃଙ୍କୁ 15 ଜଣ ବ୍ୟକ୍ତିଙ୍କ ସହିତ ପଠାଇଲେ । ଉକ୍ତ ସରୀୟାରେ ମୁସଲମାନମାନଙ୍କର ସ୍ଲୋଗାନ୍ ଅମିତ୍ ଅମିତ୍ ଥିଲା । ହ. ଜୁନ୍ଦୁବ ବିନ୍ ମକିସ୍ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ହ. ଗାଲିବ୍ ବିନ୍ ଅବ୍‌ଦୁଲ୍ଲାଃଙ୍କୁ ଏକ ସରୀୟାରେ ପ୍ରେରଣ କଲେ । ସେହି ସରୀୟାରେ ମୁଁ ମଧ୍ୟ ସାମିଲ୍ ଥିଲି । ଆପଣ ସ.ଅ କଦିଦ୍ ଠାରେ ବନୁ ମୁଲୱିହ୍ ସଂପ୍ରଦାୟ ଉପରେ ଆକ୍ରମଣ କରିବା ନିମନ୍ତ୍ ଆଦେଶ ଦେଲେ । ସୁତରାଂ ଆମେମାନେ ବାହାରିଲୁ ଏବଂ ଯେତେବେଳେ କଦିଦ୍ ଠାରେ ପହଞ୍ଚିଲୁ ସେତେବେଳେ ଇବ୍‌ନେ ବର୍ସା ହାରିସ୍ ବିନ୍ ମାଲିକ୍ ଲୈସ୍‌ର ଆମ ସହିତ ଭେଟ ହେଲା । ତେଣୁ ଆମେମାନେ ତା'କୁ ଗିରଫ କରିନେଲୁ । ସେ କହିଲା, ମୁଁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ନିମନ୍ତେ ବାହାରିଛି ଏବଂ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ହିଁ ଯାଉଛି । ଆମେମାନେ କହିଲୁ, ଯଦି ତୁମେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ଉଦ୍ଦେଶ୍ୟ ରଖି ବାହାରିଛ ତେବେ ଗୋଟିଏ ଦିନ ଓ ଗୋଟିଏ ରାତ୍ରର ପାଥେୟ ତୁମର କୌଣସି କ୍ଷତି ଘଟାଇ ପାରିବ ନାହିଁ । ଅର୍ଥାତ୍ ତୁମେ ଯଦି ବନ୍ଦୀ ହୋଇଯିବ ତେବେ ମଧ୍ୟ କୈଣସି ଅସୁବିଧା ହେବ ନାହିଁ । ଯଦି ଏତଦ୍‌ଭିନ୍ନ ଅନ୍ୟ ଉଦ୍ଦେଶ୍ୟ ରହିଛି ତେବେ ଆମେମାନେ ଏହାର ପୁଷ୍ଟି କରିନେବୁ । ଅତଏବ୍ ଆମେମାନେ ତା'କୁ ଧରି ଭିଡ଼ିକି ବାନ୍ଧିଦେଲୁ ଏବଂ ନିଜର ଏକ କୃଷ୍ଣ (କଳା) ବର୍ଣ୍ଣେ ସାଥି ଯାହାର ନାମ ସୁୱୈଦ୍ ବିନ୍ ମନ୍‌ହର୍ ଥିଲା ସେହି ବ୍ୟକ୍ତି ଉପରେ ନିରୀକ୍ଷକ ରୂପେ ନିଯୁକ୍ତ କଲୁ । ଆମେମାନେ ବାହାରିଲୁ ଏପର୍ଯ୍ୟନ୍ତକି ଆମେମାନେ ସୂର୍ଯ୍ୟାସ୍ତ ସମୟରେ କଦିଦ୍ ଠାରେ ପହଞ୍ଚିଗଲୁ । ଆମେମାନେ ଉପତ୍ୟକାର ପାର୍ଶ୍ୱରେ ଥିଲୁ । ମୋର ସାଥିମାନେ ମୋତେ ଗୁଇନ୍ଦା କରି ପ୍ରେରଣ କଲେ । ମୁଁ ଏକ ସ୍ତୁପ ଉପରେ ପହଞ୍ଚିଲି ଯେଉଁଠି ଛିଡ଼ା ହୋଇ ମୁଁ ସେମାନଙ୍କୁ ଦେଖି ପାରୁଥିଲି । ମୁଁ ସେହି ସ୍ତୁପ ଉପରେ ଚଢିଗଲି । ନିଜର ମୁଣ୍ଡ ଉପରକୁ କରି ପିଠି ସାହାଯ୍ୟରେ ଶୋଇ ପଡ଼ିଲି । ସେଠାରେ ଜଣେ ବ୍ୟକ୍ତି ନିଜର ଶିବିରରୁ ବାହାରି ମୋତେ ଦେଖିନେଲା । ସେ ମୋତେ ଏକ ତୀର୍ ମାରିଲା ଯାହାକି ମୋର ଗୋଟିଏ ପାର୍ଶ୍ୱରେ ଅର୍ଥାତ୍ ହାତରେ ବାଜିଲା । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଆପଣ କହୁଥିଲେ ଯେ, ସେହି ତୀର ମୋର ଦୁଇ ଚକ୍ଷୁ ମଧ୍ୟବର୍ତ୍ତୀ ମଥାରେ ବାଜିଲା । କିନ୍ତୁ ମୁଁ ନିଜ ସ୍ଥାନରେ ଅବିଚଳ ରହିଲି । ପୁନଶ୍ଚ ସେହି ବ୍ୟକ୍ତି ଜଣକ ଦ୍ୱିତୀୟ ତୀର ମାରିଲା ତାହା ମୋର କାନ୍ଧରେ ବାଜିଲା । ମୁଁ ତାହାକୁ କାଢି ଫିଙ୍ଗିଦେଲି ଏବଂ ନିଜ ସ୍ଥାନରେ ଅବିଚଳ ହୋଇ ରହିଲି । କୌଣସି ଗତିବିଧି ଏବଂ ପ୍ରତିକ୍ରିୟା ପ୍ରଦର୍ଶନ କଲି ନାହିଁ । କାରଣ ସେହି ବ୍ୟକ୍ତି ମନରେ ସନ୍ଦେହ ସୃଷ୍ଟି ନହେଉ । ପୁନଶ୍ଚ ସେମାନେ ଶିବିର ମଧ୍ୟରେ ପ୍ରବେଶ କଲେ ଏବଂ ଆମେମାନେ ତା'କୁ କିଛି ସମୟ ଦେଲୁ ଏପର୍ଯ୍ୟନ୍ତକି ଯେତେବେଳେ ସେମାନେ ଆଶ୍ୱସ୍ତ ହୋଇ ଶୋଇଗଲେ ସେତେବେଳେ ସକାଳ ସମୟରେ ଆମେମାନେ ସେମାନଙ୍କ ଉପରେ ଆକ୍ରମଣ କରିଦେଲୁ । ସେମାନଙ୍କର ଯୋଦ୍ଧାଙ୍କୁ ବଧ କରିଦେଲୁ ଓ ସେମାନଙ୍କର ସନ୍ତାନ ସନ୍ତତିଙ୍କୁ ବନ୍ଦୀ କରିନେଲୁ ଓ ଜୀବମାନଙ୍କୁ ଘଉଡ଼ାଇ ନେଇ ଆସିଲୁ । ସେମାନଙ୍କର ଜଣେ ଡାକରା ଦେଉଥିବା ବ୍ୟକ୍ତି ବାହାରିଲା ଏବଂ ଆମ ଆଡ଼କୁ ଏପରି ଏକ ସୈନ୍ୟ ବାହିନୀ ନେଇ ଆସିଲା ଯେଉଁ ସୈନ୍ୟବାହିନୀ ସହିତ ମୁକାବିଲା କରିବା ନିମନ୍ତେ ଆମମାନଙ୍କ ମଧ୍ୟରେ ଶକ୍ତି ଏବଂ ସାମର୍ଥ୍ୟ ନଥିଲା । ଆମେମାନେ ଜୀବମାନଙ୍କୁ ଧରି ଚାଲୁଥିଲୁ, ଆମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ପଛକୁ ବୁଲି ଚାହିଁଲା ନାହିଁ । ଯେତେବେଳେ ଆମେମାନେ ଇବ୍‌ନେ ବର୍ସା ଓ ତା'ର ସାଥିମାନଙ୍କ ନିକଟ ଦେଇ ଅତିକ୍ରମ କଲୁ ସେତେବେଳେ ସେହି ଦୁହିଁଙ୍କୁ ମଧ୍ୟ ନିଜ ସହିତ ନେଇନେଲୁ । ଶତ୍ରୁ ଆମ ପାଖରେ ପହଞ୍ଚିଗଲା ଏପର୍ଯ୍ୟନ୍ତକି ଆମ ମଧ୍ୟରେ ଏବଂ ସେମାନଙ୍କ ମଧ୍ୟରେ କେବଳ କଦିଦ୍ ଉପତ୍ୟକା ହିଁ ବାକି ରହିଯାଇଥିଲା । ଅଲ୍ଲାଃତାଲା ସେହି ଉପତ୍ୟାକରେ ବନ୍ୟା ବ୍ୟୁତ୍ପାତ ସୃଷ୍ଟି କରିଦେଲେ ଏବଂ ବନ୍ୟା ପ୍ରେରଣ କରିଦେଲେ । ଅପରପକ୍ଷେ ଆମମାନଙ୍କୁ କୌଣସି ମେଘମାଳା (ବାଦଲ୍) କିମ୍ବା ବର୍ଷା ମଧ୍ୟ ଦୃଶ୍ୟମାନ ହେଉ ନଥିଲା । ସୁତରାଂ ଅଲ୍ଲାଃତାଲା ଏପରି ଏକ ବସ୍ତୁ ପ୍ରେରଣ କରିଦେଲେ ଯାହାର ମୁକାବିଲା କରିବା ନିମନ୍ତେ କାହା ମଧ୍ୟରେ ସାମର୍ଥ୍ୟ ନଥିଲା । କେହି ସେହି ବନ୍ୟାକୁ ଅତିକ୍ରମ କରିପାରିଲା ନାହିଁ । ଶତ୍ରୁ ଛିଡ଼ା ହୋଇ ଆମ ଆଡ଼କୁ ଚାତକ ଭଳି ଚାହିଁ ରହିଲା ଏବଂ ଆମେମାନେ ସେମାନଙ୍କର ଜୀବମାନଙ୍କୁ ଘଉଡ଼ାଇ ନେଇ ଯାଉଥିଲୁ । ସେମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିକୁ ଆମ ଆଡ଼କୁ ଆସିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେଲା ନାହିଁ ଓ ଆମେମାନେ ଦ୍ରୁତ ଗତିରେ ଜୀବମାନଙ୍କୁ ଘଉଡ଼ାଇ ଚାଲିଥିଲୁ । ଏପର୍ଯ୍ୟନ୍ତକି ଆମେମାନେ ସେମାନଙ୍କ ପଛରେ ଛାଡ଼ିଦେଲୁ । ଶତ୍ରୁ ପକ୍ଷ ପଛରେ ରହିଗଲା । ଶତ୍ରୁ ଆମମାନଙ୍କୁ ଧରି ପାରିଲା ନାହିଁ ନାହିଁ ଏବଂ ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହୋଇଗଲୁ । **(ଶରହୁଜ୍ ଜର୍କାନୀ, ଭାଗ-3, ପୃ-332-333, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଵାଦ୍, ଭାଗ-6, ପୃ-137, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 1993 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ବର୍ତ୍ତମାନ ଏହି ଚର୍ଚ୍ଚାଟି ଜାରି ରହିଛି ଏହାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ ପାକିସ୍ତାନର କେତେକ ଅହେମଦିମାନଙ୍କ ନିମନ୍ତେ ବିଶେଷ ରୂପେ ଦୁଆ କରିବା ନିମନ୍ତେ ଆହ୍ୱାନ ଜଣାଉଛି । ସ୍ୱୟଂ ପାକିସ୍ତାନରେ ବାସ କରୁଥିବା ଅହେମଦିମାନେ ମଧ୍ୟ ନିଜ ନିମନ୍ତେ ଦୁଆ କରନ୍ତୁ । ଯେପରିକି ମୁଁ କହିଥିଲି ଯେ, ଆପଣମାନେ ଦୁରୁଦ୍ ଶରୀଫ୍ ପାଠ କରିବା ପ୍ରତି ଧ୍ୟାନ ଦିଅନ୍ତୁ ଓ 200 ଥର

سُبْحَانَ اللّٰهِ وَبِحَمْدِهٖ سُبْحَانَ اللّٰهِ الْعَظِيْمِ اَللّٰهُمَّ صَلِّ عَلٰى مُحَمَّدٍ وَّاٰلِ مُحَمَّدٍ

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଆପଣମାନେ ଏଥିପ୍ରତି ଯେତେ ଧ୍ୟାନ ଦେଇ ପାରିବେ ସେତେ ଧ୍ୟାନ ଦିଅନ୍ତୁ । ଯଦି ଆମେମାନେ ଦୁଆର କର୍ତ୍ତବ୍ୟ ନିର୍ବାହ କରି ଦୁଆ କରିବା ପ୍ରତି ଧ୍ୟାନ ଦେବୁ ତେବେ ଯାଇ ଆମମାନଙ୍କୁ ସଫଳତା ପ୍ରାପ୍ତ ହେବ । ଯେତେ ଧ୍ୟାନ ଦେବାର ଆବଶ୍ୟକତା ଥିଲା ସେତେ ଧ୍ୟାନ ଦିଆଯାଉ ନାହିଁ । ଯେପରିକି କେତେକ ଲୋକମାନେ ମୋତେ କୁହନ୍ତି କି ହୁଜୁର୍ କେବଳ ଦୁଆ ଦ୍ୱାରା କିଛି ସମ୍ଭବ ହେବ ନାହିଁ । ଆଉ କିଛି ମଧ୍ୟ କରିବା ଉଚିତ୍ । ଆମମାନଙ୍କର ଅସ୍ତ୍ର ତ' କେବଳ ଦୁଆ ହିଁ ଅଟେ । ଏଥି ସଂକ୍ରାନ୍ତରେ ମୁଁ ଅନେକ ଥର ଖୁତ୍‌ବାରେ ବର୍ଣ୍ଣନା କରି ସାରିଛି । ହ. ମସିହ୍ ମଉଦ୍ ଅ.ସଙ୍କ ଆଲେଖ୍ୟ ମଧ୍ୟ ବର୍ଣ୍ଣନା କରି ସାରିଛି । ଏହା ଅତ୍ୟନ୍ତ ଭୁଲ୍ ଧାରଣା ଅଟେ ଯେ, ଦୁଆ ଦ୍ୱାରା କିଛି ସମ୍ଭବ ହେବ ନାହିଁ । ସେ ଯାହା ହେଉ ପଛେ ଦୁଆ ହିଁ ଆମମାନଙ୍କ ସଫଳତାର ସମାଧାନ ଏବଂ ଗୁରମନ୍ତ୍ର ଅଟେ । ଅଲ୍ଲାଃତାଲା ଏଥି ନିମନ୍ତେ ମସସ୍ତଙ୍କୁ ସାମର୍ଥ୍ୟ ମଧ୍ୟ ପ୍ରଦାନ କରନ୍ତୁ ଏବଂ ଆମେମାନେ ଦୁଆର ଅଧିକାରକୁ ସମ୍ପାଦାନକାରୀ ବ୍ୟକ୍ତି ରୂପେ ପିରଗଣିତ ହେବୁ । ଆମେମାନେ କେବଳ ଏହା କହିଦେବୁ କି ଦୁଆ ଦ୍ୱାରା କିଛି ହେବ ନାହିଁ, ଦୁଆର ଅଧିକାରୀ ସମ୍ପାଦନ ନକରିବୁ ତେବେ ଅଲ୍ଲାଃତାଲାଙ୍କ ଆଗରେ ଅଭିଯୋଗ କରିବା ଭୁଲ୍ ହେବ । ସୁତରାଂ ଆମମାନଙ୍କୁ ଇସ୍ତିଗଫାର୍ (ଅଲ୍ଲାଃତାଲାଙ୍କ ନିକଟରେ କ୍ଷମାଯାଚନା କରିବା) କରିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ଆଜି ମଧ୍ୟ କରାଚୀରେ ଏକ ଦୁଃଖଦ ଘଟଣା ଘଟିଛି । ଡାକରା ଦେଇଥିବା ଲୋକମାନେ, ଆତଙ୍କବାଦୀମାନେ, ଇସ୍‌ଲାମ୍ ଧର୍ମ ନାଁରେ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଛନ୍ତି ସେମାନେ ଆମ ମସ୍‌ଜିଦ୍ ଉପରେ ଆକ୍ରମଣ କରିଛନ୍ତି ଏବଂ ଜଣେ ଅହେମଦିକୁ ମଧ୍ୟ ଶହୀଦ୍ କରିଦେଇଛନ୍ତି । اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ । ଏହାର ବିବରଣୀ ବର୍ତ୍ତମାନ ମିଳିପାରି ନାହିଁ । ବିବରଣୀ ଯେତେବେଳେ ପ୍ରାପ୍ତ ହେବ ସେତେବେଳେ ମୁଁ ବର୍ଣ୍ଣନା ମଧ୍ୟ କରିଦେବି **ଇନ୍‌ଶାଅଲ୍ଲାଃ** । ଅଲ୍ଲାଃତାଲା ସେହି ଅତ୍ୟାଚାରୀମାନଙ୍କର ଶୀଘ୍ର ଧର ପକଡ଼ କରନ୍ତୁ ।

**(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 09 ମେ 2025 ମସିହା, ପୃ-2-7)**

☆--☆--☆

## ପୃ-2ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ....

ବିସ୍ତୃତ ବିବରଣୀ ପ୍ରଦାନ କରି ଏକ ସ୍ଥାନରେ କୁହନ୍ତି: "ଆମମାନଙ୍କର ପୂର୍ଣ୍ଣ ମାର୍ଗଦର୍ଶକଙ୍କ (ଆଁହଜରତ ସ.ଅଙ୍କ) ସାହାବାମାନେ ନିଜର ଈଶ୍ୱର ଓ ତାହାଙ୍କ ବାର୍ତ୍ତାବହଙ୍କ ନିମନ୍ତେ କେଉଁ କେଉଁ ବଳିଦାନ ଦେଲେ । ସେହି ସାହାବାମାନେ ନିଜର ମାତୃଭୂମିରୁ ନିର୍ବାସିତ ହେଲେ, ଅନ୍ୟାୟ, ଅତ୍ୟାଚାର ଓ ନିର୍ଯ୍ୟାତନା ସହିଲେ । ନାନା ପ୍ରକାରର ଦୁଃଖ କଷଣ (କଷ୍ଟ) ସହ୍ୟ କଲେ ଓ ବିପତ୍ତିର ସମ୍ମୁଖୀନ ହେଲେ । ନିଜର ଜୀବନକୁ ଉତ୍ସର୍ଗ କଲେ । କିନ୍ତୁ ସତ୍ୟାବାଦୀତା ଏବଂ ବିଶ୍ୱସ୍ତତା ମାର୍ଗରେ ସେମାନେ ଅଗ୍ରସର ହେଲେ । ଅତଏବ୍

ଏପରି କେଉଁ ପ୍ରସଙ୍ଗ ବା ଏମତି କେଉଁ କଥା ରହିଥିଲା ଯାହା ସେମାନଙ୍କୁ ଏପରି ବଳିଦାନକାରୀ ବ୍ୟକ୍ତି କରିଦେଲା ? ତାହା ପ୍ରକୃତ ଈଶ୍ୱରଙ୍କ ପ୍ରେମ ଥିଲା ଯାହାର କିରଣ ସେମାନଙ୍କ ହୃଦୟରେ ପଡ଼ି ସାରିଥିଲା । ସେଇଥିପାଇଁ ଯେମିତିକା ଅବତାର ସହିତ ତୁଳନା କରିନିଆଯାଉ ଆପଣ ସ.ଅଙ୍କ ଶିକ୍ଷା, ଆତ୍ମାକୁ ଶୁଦ୍ଧ ଏବଂ ପବିତ୍ର କରି ପକାଉଥିବା ଗୁଣ, ନିଜସ୍ୱ ଢଙ୍ଗରେ ସଂସାର ଠାରୁ ବିମୁଖ, ଅନାସକ୍ତ ଓ ସଂସାର ଠାରୁ ଘୃଣା ପ୍ରଦର୍ଶନ କରିବା, ସାହସିକତାର ସହିତ ସତ୍ୟତା ନିମନ୍ତେ ରକ୍ତପାତ କରିଦେବା ଇତ୍ୟାଦିର ଦୃଷ୍ଟାନ୍ତ ଆଁହଜରତ ସ.ଅ ଓ ସାହାବାମାନଙ୍କ ବ୍ୟତୀତ ଅନ୍ୟ କେଉଁଠି ବି ଦେଖିବାକୁ ମିଳି ପାରିବ ନାହିଁ ।"

ଏହା ଏପରି ବିଶ୍ୱସ୍ତତାର ଉତ୍ସାହ ଥିଲା ଯେଉଁ ବିଶ୍ୱସ୍ତା କେବଳ ସେମାନେ (ସାହାବାମାନେ) ହିଁ ପ୍ରଦର୍ଶନ କରିଥିଲେ । ଏପରି ଉଦାହରଣ ଏବଂ ଦୃଷ୍ଟାନ୍ତ ଆମମାନଙ୍କୁ ଅନ୍ୟ କେଉଁଠି ବି ଦେଖିବାକୁ ମିଳୁ ନାହିଁ । ଆପଣ ଅ.ସ କୁହନ୍ତି: "ଆଁହଜରତ ସ.ଅଙ୍କ ସାହାବାମାନଙ୍କର ଏହିପରି ମର୍ଯ୍ୟାଦା ରହିଛି । ଅର୍ଥାତ୍ ସାହାବାମାନଙ୍କ ମଧ୍ୟରେ ଯେଉଁ ପାରସ୍ପାରିକ ପ୍ରେମ ଓ ଆନ୍ତରୀକତା ଭାବ ଥିଲା ତାହାର ନକ୍ସା ପବିତ୍ର କୁରଆନ୍ କରୀମ୍ ଦୁଇଟି ପଂକ୍ତିରେ ବର୍ଣ୍ଣନା କରି ଦେଇଛି: وَ اَلَّفَ بَيۡنَ قُلُوۡبِهِمۡ لَوۡ اَنۡفَقۡتَ مَا فِی الۡاَرۡضِ جَمِيۡعًا مَّاۤ اَلَّفۡتَ بَيۡنَ قُلُوۡبِهِمۡ وَ لٰكِنَّ اللّٰهَ اَلَّفَ بَيۡنَهُمۡ **(ଅଲ୍ ଅନଫାଲ୍: 64)** ଏବଂ ସେ (ଅଲ୍ଲାଃ) ସେମାନଙ୍କ ହୃଦୟରୁ ପରସ୍ପର ସହିତ ବାନ୍ଧି ଦେଲେ (ଏପରିକି ତୁମ୍ଭ ସହଚରମାନେ ତୁମ୍ଭ ସ୍ୱେଦ (ଝାଳ)ର ପରିବର୍ତ୍ତେ ନିଜ ରକ୍ତ ପ୍ରବାହିତ କରାଇବାକୁ ପ୍ରସ୍ତୁତ ହୋଇଗଲେ) ପୃଥିବୀରେ ଯାହା କିଛି ଅଛି ଯଦି ତୁମ୍ଭେ ତାହାଙ୍କ ସକାଶେ ବ୍ୟୟ କରିଥାଆନ୍ତ ତଥାପି ସେମାନଙ୍କ ହୃଦୟକୁ ଏପରି ବାନ୍ଧିପାରି ନଥାଆନ୍ତ । କିନ୍ତୁ ଅଲ୍ଲାଃତାଲା ସେମାନଙ୍କ ହୃଦୟରେ ପରସ୍ପର ପ୍ରତି ଓ ତୁମ୍ଭ ପ୍ରତି ମଧ୍ୟ ପ୍ରୀତି ସ୍ଥାପନ କରିଥିଲେ । ବାସ୍ତବରେ ସେ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ । ଅତଏବ୍ ଏହା ହିଁ ଅଲ୍ଲାଃତାଲାଙ୍କ ଦ୍ୱାରା ସୃଷ୍ଟ ପ୍ରୀତି ଏବଂ ପ୍ରେମ ଅଟେ । ସେଇଥିପାଇଁ ସେମାନଙ୍କ ମଧ୍ୟରେ (ସାହାବାମାନଙ୍କ ମଧ୍ୟରେ) ନିଷ୍ଠା ରହିଥିଲା, ବିଶ୍ୱସ୍ତତା ରହିଥିଲା। ସେମାନେ ଆଁହଜରତ ସ.ଅ ଏବଂ ଇସ୍‌ଲାମ୍ ଧର୍ମ ସକାଶେ ନିଜର ପ୍ରାଣର ବଳିଦାନ ଦେବା ନିମନ୍ତେ ପ୍ରସ୍ତୁତ ଥିଲେ ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ବର୍ତ୍ତମାନ ଆଉ ଏକ ଜମାଅତ୍ ରହିଛି ଯାହାକି ପ୍ରତିଶୃତ ମସିହ୍ ମଉଦ୍ ଅ.ସଙ୍କର ଜମାଅତ୍ ଅଟେ । ଏହି ପ୍ରତିଶୃତ ମସିହ୍ ମଉଦ୍ ଅ.ସଙ୍କର ଜମାଅତ୍ ସାହାବାମାନଙ୍କ ପରି ଆଚରଣ ତଥା ଢଙ୍ଗ ନିଜ ମଧ୍ୟରେ ସୃଷ୍ଟି କରିବ । ଅତଏବ୍ ହ. ମସିହ୍ ମଉଦ୍ ଅ.ସ ଏହି ଆଦର୍ଶ ଆମମାନଙ୍କ ସମ୍ମୁଖରେ ସ୍ଥାପନ କରିଛନ୍ତି ଏବଂ ଏହି ଆଦର୍ଶ ଉପରେ ପରିଚାଳିତ ହୋଇ ମସିହ୍ ମଉଦ୍ ଅ.ସଙ୍କର ବୈଅତ୍ ଯଦି ଆମେମାନେ କରିଛେ ତାହାହେଲେ ମସିହ୍ ମଉଦ୍ ତ' ଆଁହଜରତ ସ.ଅଙ୍କ ମିଶନକୁ ପୂର୍ଣ୍ଣ ତଥା ସଫଳ କରିବା ନିମନ୍ତେ ଆସି ଥାଆନ୍ତେ । ସେଇଥି ପାଇଁ ଆପଣ ଅ.ସ କହିଲେ, ମୋର ଏହି ଜମାଅତ୍ ସାହାବାମାନଙ୍କ ପରି ଆଚରଣ ନିଜ ମଧ୍ୟରେ ସୃଷ୍ଟି କରିବ ।" ସାହାବାମାନଙ୍କର ଯେଉଁ ଜମାଅତ୍ ବା ଗୋଷ୍ଠୀ ରହିଥିଲା ତାହା ତ' ପବିତ୍ର ଜମାଅତ୍ ଥିଲା । ସେହି ଜମାଅତ୍‌ର ପ୍ରଶଂସା ପବିତ୍ର କୁରଆନ୍ କରୀମ୍‌ରେ ଭର୍ତ୍ତି ହୋଇ ରହିଛି । ଆପଣ ଅ.ସ କୁହନ୍ତି: "କ'ଣ ଆପଣମାନେ ଏପରି ଅଟନ୍ତି କି ?" ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ପଚାରୁଛନ୍ତି ଯେ, କ'ଣ ଆମେମାନେ ଏପରି ଅଟୁ କି ? ଆପଣ ଅ.ସ କୁହନ୍ତି ଯେ, "ଯେତେବେଳେ ଅଲ୍ଲାଃତାଲା କହୁଛନ୍ତି ଯେ, ହ. ମସିହ୍‌ଙ୍କ ସହିତ ସେହି ଲୋକମାନେ ରହିବେ ଯେଉଁମାନେ ସାହାବାମାନଙ୍କ ପରି ସମସ୍କନ୍ଧ ହେବେ । ସାହାବାମାନେ ହେଉଛନ୍ତି ସେହି ଲୋକମାନେ ଯେଉଁମାନେ ନିଜର ଧନ, ନିଜର ଦେଶ ମାତୃକାକୁ ଈଶ୍ୱରଙ୍କ ମାର୍ଗରେ ଦେଇଦେଲେ ଏବଂ ସବୁକିଛି ସେମାନେ ପରିତ୍ୟାଗ କରିଦେଲେ ।"

ଆପଣ[ଅ.ସ] କୁହନ୍ତି: "ହ. ଅବୁ ବକ୍କର ସିଦ୍ଦିକ୍ ଙ୍କ ସଂପର୍କରେ ଆପଣମାନେ ଶୁଣିଥିବେ ଯେ, ଏକଦା ଯେତେବେଳେ ଆଁହଜରତ ସ.ଅ ସାହାବାମାନଙ୍କୁ ଈଶ୍ୱରଙ୍କ ମାର୍ଗରେ ଧନ ବ୍ୟୟ କରିବା ନିମନ୍ତେ କହିଲେ, ସେତେବେଳେ ହ. ଅବୁ ବକ୍କର[ର.ଅ] ନିଜ ଘରର ସମସ୍ତ ଜିନିଷ ଅର୍ଥାତ୍ ଆସବାବ ପତ୍ର ନେଇ ଆସିଲେ ଓ ଆଁହଜରତ[ସ.ଅ]ଙ୍କ ପାଦ ତଳେ ଅଜାଡ଼ି ଦେଲେ । ରସୁଲ୍ କରୀମ୍[ସ.ଅ] ହ. ଅବୁ ବକ୍କର[ର.ଅ]ଙ୍କୁ ଯେତେବେଳେ ପଚାରିଲେ ଯେ, ହେ ଅବୁ ବକ୍କର ! ତୁମେ ନିଜ ଘରେ କ'ଣ ଛାଡ଼ିଛ ? ପ୍ରତ୍ୟୁତ୍ତରରେ ହ. ଅବୁ ବକ୍କର[ର.ଅ] କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନିଜ ଘରେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କୁ ଛାଡ଼ି ଆସିଛି । ଅତଏବ୍ ଏହା ସେହି ଉତ୍ସାହ ଥିଲା ଯେଉଁ ଅପୂର୍ବ ଉତ୍ସାହ ସେହି ସାହାବାମାନେ ପ୍ରଦର୍ଶନ କରିଥିଲେ । ଏହାର ଜ୍ୱଳନ୍ତ ପ୍ରମାଣ ଆମମାନଙ୍କୁ ହ. ଅବୁ ବକ୍କର ସିଦ୍ଦିକ୍[ର.ଅ]ଙ୍କ ଜୀବନରେ ଦେଖିବାକୁ ମିଳେ ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏକଥା ଜାଣିରଖ ଯେ, ସେହି ଲୋକମାନେ ତ' ଈଶ୍ୱରଙ୍କ ମାର୍ଗରେ ଶହୀଦ୍ ହୋଇଗଲେ । ସେମାନଙ୍କ ନିମନ୍ତେ ଏହା ହିଁ ଉଲ୍ଲେଖ ରହିଛି ।" ସେମାନେ ପଛେ ବ୍ୟବହାରିକ ରୂପେ ଶହୀଦ୍ ହୁଅନ୍ତୁ ଅବା ନହୁଅନ୍ତୁ, ରକ୍ତପାତ କରିଛନ୍ତି ଅବା ନକରିଛନ୍ତି । କିନ୍ତୁ ସେମାନଙ୍କର ଯେଉଁ ବଳିଦାନ ରହିଛି ତାହା ସେମାନଙ୍କୁ ବଳିଦାନର ମର୍ଯ୍ୟାଦା ପ୍ରଦାନ କରିଥାଏ ଓ ଅଧିକାରୀ କରିଥାଏ। ଏହା ଉଲ୍ଲେଖ ରହିଛି ଯେ, "ଖଡ଼୍‌ଗ ତଳେ ସ୍ୱର୍ଗ ରହିଛି ।" ସେମାନେ ସବୁବେଳ ପାଇଁ ଖଡ଼୍‌ଗ ତଳେ ଜେବହ୍ ହୋଇଯିବା ନିମନ୍ତେ ପ୍ରସ୍ତୁତ ଥିଲେ । କିନ୍ତୁ ଆମମାନଙ୍କ ନିମନ୍ତେ ତ' ଏତେ କ୍ରୁରତା ଏବଂ କଷ୍ଟ ନାହିଁ । କାରଣ ଆମମାନଙ୍କ ନିମନ୍ତେ يَضَعُ الْحَرْبَ ର ଆଦେଶ ଆସିଛି । ଅର୍ଥାତ୍ ମେହ୍‌ଦୀଙ୍କ ସମୟରେ ଯୁଦ୍ଧ ହେବ ନାହିଁ ।"

**(ମଲ୍‌ଫୁଜାତ୍, ଭାଗ-1, ପୃ-42-43, ସଂସ୍କରଣ ବର୍ଷ-1984)**

ଅତଏବ୍ ଆମମାନଙ୍କ ନିମନ୍ତେ ତ' ଅଲ୍ଲାଃତାଲା ବଳିଦାନର ଯେଉଁ ସ୍ୱଳ୍ପ ଅବସର ପ୍ରଦାନ କରିଚନ୍ତି ତହିଁରୁ ଆମମାନଙ୍କୁ ଉପକୃତ ଏବଂ ଲାଭାନ୍ୱିତ ହେବା ଉଚିତ୍ । ଏଥି ନିମନ୍ତେ ଆମମାନଙ୍କୁ ନିଜର ପ୍ରାଣ, ଧନ, ସମୟର ବଳିଦାନ ଦେବାର ଯେଉଁ ଅଙ୍ଗୀକାର ରହିଛି ତାହାକୁ ଚରିତାର୍ଥ କରିବା ଉଚିତ୍ । ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଯେଉଁ ବୈଅତ୍‌ର ଅଙ୍ଗୀକାର କରିଛେ ଯେ, ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ସର୍ବାଧିକ ପ୍ରେମ ଏବଂ ଆନ୍ତରୀକତା ଭାବ ପ୍ରଦର୍ଶନ କରିବୁ । କାରଣ ହ. ମସିହ୍ ମଉଦ୍ ଅ.ସ ହେଉଛନ୍ତି ହ. ମୁହମ୍ମଦ୍ ସ.ଅଙ୍କ ପ୍ରତିନିଧି । ତେଣୁ ଆମମାନଙ୍କୁ ଏହି ବୈଅତ୍ ଏବଂ ଅଙ୍ଗୀକାରକୁ କାର୍ଯ୍ୟକାରୀ ମଧ୍ୟ କରିବାକୁ ହେବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆପଣ ଅ.ସ ଜମାଅତ୍‌କୁ ଅନେକ ଉପଦେଶମାନ ଦେଇଛନ୍ତି । ଉପଦେଶ ଦେଇ ଆପଣ ଅ.ସ କୁହନ୍ତି: "ତୁମେମାନେ ଯଦିଓ ମୋର ବୈଅତ୍ କରିଛ । ହେଲେ ବୈଅତ୍‌ର ପ୍ରକୃତ କର୍ତ୍ତବ୍ୟ ନିର୍ବାହ କରିବା ନିମନ୍ତେ ଏହା ଆବଶ୍ୟକ ଯେ, ତୁମେମାନେ ପବିତ୍ର କୁରଆନ୍ କରୀମ୍ ପାଠ କର । କିନ୍ତୁ ପବିତ୍ର କୁରଆନ୍ କରୀମ୍‌କୁ ଗଳ୍ପ ଓ କାହାଣୀ ଆକାରରେ ପାଠ କର ନାହିଁ ।"

**(ମଲ୍‌ଫୁଜାତ୍, ଭାଗ-3, ପୃ-155, ସଂସ୍କରଣ ବର୍ଷ-1984)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ବୈଅତ୍‌ର ଯଦି ପ୍ରକୃତ ଅଧିକାର ବା କର୍ତ୍ତବ୍ୟ ନିର୍ବାହ କରିବାର ଅଛି ତେବେ ପ୍ରଥମ ସର୍ତ୍ତ ଏହିକି ଯେ, ତୁମେମାନେ ପବିତ୍ର କୁରଆନ୍ କରୀମ୍‌କୁ ଗଳ୍ପ ଓ କାହାଣୀ ଆକାରରେ ପାଠ କର ନାହିଁ । ପବିତ୍ର କୁରାନ୍ କରୀମ୍‌କୁ ବୁଝି ବିଚାରି ପାଠ କର । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବିଗତ ଖୁତ୍‌ବାରେ ମୁଁ ପବିତ୍ର କୁର୍‌ଆନ୍ କରୀମ୍ ପାଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରିଥିଲି । ଆଁହଜରତ ସ.ଅଙ୍କ ବିବୃତ୍ତି ଏବଂ ଉପଦେଶାବଳୀ ମଧ୍ୟ ମୁଁ ବର୍ଣ୍ଣନା କରିଥିଲି । ସେହି ସମସ୍ତ ବିବୃତ୍ତି ଏବଂ ଉପଦେଶାବଳୀର ସବିଶେଷ ବିବରଣୀ ପ୍ରଦାନ କରି ଏକ ସ୍ଥାନରେ ଲୋକମାନଙ୍କର ଉଦାହରଣ ଦେଇ ଆପଣ ଅ.ସ କୁହନ୍ତି: "ଦେଖ ! ଲୋକମାନେ କେଡ଼େ ସୁନ୍ଦର କଣ୍ଠରେ ପବିତ୍ର କୁରଆନ୍ କରୀମ୍ ପାଠ କରୁଛନ୍ତି । କିନ୍ତୁ ତାହା ସେମାନଙ୍କ କଣ୍ଠ ତଳକୁ ଯାଉ ନାହିଁ । ସେମାନଙ୍କର ସ୍ୱର ଏବଂ କଣ୍ଠ ଅତି ସୁନ୍ଦର ଅଟେ । କିନ୍ତୁ ଯେଉଁଗୁଡ଼ିକ ବୁଝିବା କଥା ରହିଛି ସେହି ସବୁ କଥାକୁ ସେମାନେ ବୁଝିପାରୁ ନାହାନ୍ତି । ସେମାନେ ପବିତ୍ର କୁରଆନ୍ କରୀମ୍‌କୁ ପାଠ କରିନେଲେ ବହୁତ ଭଲ କାମ କଲେ । କିନ୍ତୁ ପବିତ୍ର କୁରଆନ୍ କରୀମ୍‌ର ଅର୍ଥ ସେମାନଙ୍କୁ ଜଣା ନାହିଁ । ହଁ ସେହି ଆବୃତ୍ତିକାରୀ ଲୋକମାନେ ନିଜ କଣ୍ଠରୁ ସୁନ୍ଦର ସ୍ୱର ବାହାର କରି ନେଇଥାଆନ୍ତି । କିନ୍ତୁ ସେମାନେ ପବିତ୍ର କୁରଆନ୍ କରୀମ୍‌କୁ ହୃଦୟଙ୍ଗମ କରୁ ନାହାନ୍ତି । ସେଇଥି ପାଇଁ ପବିତ୍ର କୁରଆନ୍ କରୀମ୍‌ର ଦ୍ୱିତୀୟ ନାମ ଜିକର୍ ଅଟେ। ଏହା ପ୍ରାରମ୍ଭିକ କାଳରେ ମନୁଷ୍ୟ ମଧ୍ୟରେ ଲୁକ୍କାୟିତ ଥିବା, ବିସ୍ମୃତ (ଭୁଲି ଯାଇଥିବା) ସତ୍ୟତା ଏବଂ ଅମାନତ୍‌କୁ ସ୍ମରଣ କରାଇବା ନିମନ୍ତେ ପବିତ୍ର କୁରଆନ୍ କରୀମ୍ ଆସିଅଛି । ସତ୍ୟତାକୁ ସ୍ମରଣ କରାଇବା ନିମନ୍ତେ ପବିତ୍ର କୁରଆନ୍ କରୀମ୍ ଆସିଛି। ପ୍ରତ୍ୟେକ କାଳରେ ଏବଂ ଏହି କାଳରେ ମଧ୍ୟ ପବିତ୍ର କୁରଆନ୍ କରୀମ୍ ସତ୍ୟତାକୁ ସ୍ମରଣ କରାଇବା ନିମନ୍ତେ ଆସିଅଛି । ଅଲ୍ଲାଃତାଲାଙ୍କ ଏହି ଦୃଢ ପ୍ରତିଶୃତି ଅନୁଯାୟୀ ସାଂପ୍ରତିକ କାଳରେ ମଧ୍ୟ ଆକାଶରୁ (ଅଲ୍ଲାଃତାଲାଙ୍କ ତରଫରୁ) ଜଣେ ଶିକ୍ଷକ ଏହି ଧରାପୃଷ୍ଠକୁ ଆସିଛି ଅର୍ଥାତ୍ اِنَّا لَهٗ لَحٰفِظُوۡنَ ର ଶିକ୍ଷକ ଆସିଛି । ଅଲ୍ଲାଃତାଲା ସ୍ୱୟଂ ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି اِنَّا لَهٗ لَحٰفِظُوۡنَ ଯିଏ وَّ اٰخَرِيۡنَ مِنۡهُمۡ لَمَّا يَلۡحَقُوۡا بِهِمۡ ଚରିତାର୍ଥ ଏବଂ ପ୍ରତିଶୃତ ମସିହ୍ ଅଟନ୍ତି । ସେହି ପ୍ରତିଶୃତ ମସିହ୍ ହେଉଛନ୍ତି ସେହି ଯୁଗାବତାର ଯିଏ ତୁମମାନଙ୍କ ମଧ୍ୟରେ ଏକଥା କହୁଛନ୍ତି ।"

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: "ମୁଁ ପୁନଶ୍ଚ ରସୁଲ୍ କରୀମ୍ ସ.ଅଙ୍କ ଭବିଷ୍ୟବାଣୀ ଆଡ଼କୁ ପ୍ରତ୍ୟାବର୍ତ୍ତନ କରି କହୁଛି ଯେ, ଆପଣ ସ.ଅ ସାଂପ୍ରତିକ ଯୁଗ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيۡسَ اللّٰهُ بِكَافٍ عَبۡدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ସଂପର୍କରେ ସୂଚନା ଦେଇଥିଲେ ଯେ, ଲୋକମାନେ ପବିତ୍ର କୁରଆନ୍ କରୀମ୍ ପାଠ କରିବା ସତ କିନ୍ତୁ ତାହା ସେମାନଙ୍କ କଣ୍ଠ ତଳକୁ ଖସିବ ନାହିଁ । ବର୍ତ୍ତମାନ କେବଳ ଆମମାନଙ୍କର ବିରୋଧୀମାନେ ନୁହନ୍ତି ଏବଂ ଅଲ୍ଲାଃତାଲାଙ୍କର ପ୍ରତିଶ୍ରୁତିକୁ ସମ୍ମାନ ପ୍ରଦର୍ଶନ ନକରୁଥିବା ଲୋକମାନେ ହିଁ ଅଲ୍ଲାଃତାଲାଙ୍କ ପ୍ରତିଶୃତିକୁ ପ୍ରତ୍ୟାଖ୍ୟାନ କରୁଛନ୍ତି ଓ ସେମାନେ ଆଁହଜରତ ସ.ଅଙ୍କ କଥା ଉପରେ ଧ୍ୟାନ ଦେଉ ନାହାନ୍ତି । ଏହି ଲୋକମାନେ ଦାବି କରନ୍ତି ଯେ, ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍ ପାଠ କରିବା ଆସୁଛି । କିନ୍ତୁ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ସେମାନଙ୍କୁ ଆସୁ ନାହିଁ । ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ଯଦି କୌଣସି ବ୍ୟକ୍ତି ଉପଦେଶ ପ୍ରଶିକ୍ଷକ ସାଜି କୌଣସି ପ୍ରସଙ୍ଗକୁ ବୁଝାଇବା ନିମନ୍ତେ ଚେଷ୍ଟା କରେ ତେବେ ସେହି ଲୋକମାନେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ । ଯଦି କୌଣସି ଉପଦେଶକାରୀ ବ୍ୟକ୍ତି ସେମାନଙ୍କୁ ଉପଦେଶ ଦିଏ, ସେମାନଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରେ, ସେମାନଙ୍କର ଯତ୍ନ ନିଏ, ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରେ ତେବେ ସେପରିପ୍ରେକ୍ଷୀରେ ସେମାନେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ । ଆପଣ ଅ.ସ କହିଲେ, ନିଃସନ୍ଦେହ ସେମାନେ ଯଦି ଚେଷ୍ଟା କରିବାକୁ ଚାହୁଁ ନାହାନ୍ତି ତ' ନକରନ୍ତୁ । କିନ୍ତୁ ଅନ୍ତତଃ ଏତିକି ତ' ସେମାନେ କରିପାରିବେ ଯେ, ସେମାନେ ଆମମାନଙ୍କର କଥାକୁ ଟିକିଏ ଶୁଣି ନିଅନ୍ତୁ । ଅକାରଣରେ ଆମମାନଙ୍କର ବିରୋଧ କରି ଚାଲନ୍ତୁ ନାହିଁ । ଆପଣ ଅ.ସ କୁହନ୍ତି ଏହା ସେମାନଙ୍କର ଅସୁବିଧା ତଥା ସମସ୍ୟା ରହିଛି ଯେ, ସେମାନେ ଆମ କଥା ଶୁଣି ପାରିବେ ନାହିଁ । କାରଣ ସେମାନେ ଯଦି ଆମ କଥା ଶୁଣିବାକୁ ସକ୍ଷମ ଓ ସମର୍ଥ ଅଟନ୍ତି, ସେମାନଙ୍କର କାନ ଯଦି ଶୁଣିବାକୁ ସକ୍ଷମ ତେବେ ସେମାନେ ଆମ କଥା ଶୁଣି ପାରିବେ । ଅର୍ଥାତ୍ ଧୈର୍ଯ୍ୟ ଏବଂ ସୁଧାରଣକୁ ଯଦି ସେମାନେ ବିନିଯୋଗ କରିବେ ତେବେ ସେମାନେ ଆମମାନଙ୍କର କଥାକୁ ଶୁଣିବେ । ଅଲ୍ଲାଃତାଲା ଏହା ହିଁ କୁହନ୍ତି ଯେ, ଧୈର୍ଯ୍ୟ ଏବଂ ସୁଧାରଣାକୁ ବିନିଯୋଗ କର । କିନ୍ତୁ ଏମାନେ ତ' ଏହାକୁ ବିନିଯୋଗ କରିବାକୁ ଚାହାଁନ୍ତି ନାହିଁ । ଏମାନେ କେବଳ ବିରୋଧ କରିବା ଜାଣିଛନ୍ତି ଏବଂ ବିରୋଧ କରିବାକୁ ଆଗ୍ରହୀ ଅଟନ୍ତି । ଅଲ୍ଲାଃତାଲା ଯଦି ନିଜର କୃପା ମର୍ତ୍ତ୍ୟବାସୀଙ୍କ ଆଡ଼କୁ ନକରନ୍ତେ ତେବେ ଇସ୍‌ଲାମ୍ ଧର୍ମ ମଧ୍ୟ ସାଂପ୍ରତିକ କାଳରେ ଅନ୍ୟ ଧର୍ମ ପରି ମୃତ ଏବଂ ଗଳ୍ପ ତଥା କାହାଣୀମୂଳକ ଧର୍ମ ବୋଲି ଜ୍ଞାତ ହୋଇଥାଆନ୍ତି ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "କୌଣସି ମୃତ ଧର୍ମ ଅନ୍ୟ ଧର୍ମକୁ ଜୀବନ ଦେଇ ପାରିବ ନାହିଁ । କିନ୍ତୁ ଇସ୍‌ଲାମ୍ ଧର୍ମ ବର୍ତ୍ତମାନ ଜୀବନ ପ୍ରଦାନ କରିବା ନିମନ୍ତେ ପ୍ରସ୍ତୁତ ଅଟେ । କିନ୍ତୁ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ରହିଛି ଯେ, ଅଲ୍ଲାଃତାଲା କୌଣସି କାର୍ଯ୍ୟ ବିନା କାରଣ ଏବଂ ବିନା ସାଧନରେ ସମ୍ପାଦନ କରନ୍ତି ନାହିଁ । ହଁ ଏକଥା ଭିନ୍ନ ଯେ, ସେହି କାରଣ ଏବଂ ସେହି ସାଧନ ଆମମାନଙ୍କୁ ଦୃଶ୍ୟମାନ ହୁଅନ୍ତୁ ଅବା ନହୁଅନ୍ତୁ। ସେ ଯାହା ହେଉ ଅଲ୍ଲାଃତାଲା ମାଧ୍ୟମ ଏବଂ ସାଧନକୁ ବ୍ୟବହାର କରିଥାଆନ୍ତି । ସେହି ସାଧନ ବା ମାଧ୍ୟମ ଦୃଶ୍ୟମାନ ହୁଅନ୍ତୁ ଅବା ନହୁଅନ୍ତୁ କିନ୍ତୁ ତହିଁରେ (ମାଧ୍ୟମ ବା ସାଧନରେ) କୌଣସି ବାଣୀ ନାହିଁ । ଅର୍ଥାତ୍ ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ସାଧନ ଏବଂ ମାଧ୍ୟମ ଅବଶ୍ୟ ହୋଇଥାଏ । ସେହିପରି ଆକାଶରୁ ଅଲୋକ ଅବତୀର୍ଣ୍ଣ ହୋଇଥାଏ । ସେହି ଆଲୋକ ରଶ୍ମୀ ଭୂପୃଷ୍ଠରେ ପହଞ୍ଚି ସାଧନ ଏବଂ ମାଧ୍ୟମର ରୂପ ଧାରଣ କରିନେଇ ଥାଆନ୍ତି । ଅଲ୍ଲାଃତାଲା ଆକାଶରୁ ଯେଉଁ ଆଲୋକ ଅବତୀର୍ଣ୍ଣ କରିଥାଆନ୍ତି ତାହା ବିଭିନ୍ନ ରୂପରେ ଏବଂ ବିଭିନ୍ନ ମାଧ୍ୟମ ରେ ରୂପାନ୍ତରିତ ହୋଇଯାଆନ୍ତି ଏବଂ ସେହିସବୁ କାର୍ଯ୍ୟ ସମ୍ପାଦନ କରିବାର ମାଧ୍ୟମ ଏବଂ କାରଣ ସାଜି ଯାଆନ୍ତି । ଯେତେବେଳେ ଅଲ୍ଲାଃତାଲାଙ୍କ ଆଁହଜରତ ସ.ଅଙ୍କ ସମୟକୁ ଅନ୍ଧକାର ଏବଂ ମାର୍ଗଭ୍ରଷ୍ଟ ଗ୍ରସ୍ତ ପାଇଲେ ଏବଂ ପ୍ରତ୍ୟେକ ପାର୍ଶ୍ୱରୁ ମାର୍ଗଭ୍ରଷ୍ଟତା ଏବଂ ଅନ୍ଧକାରର କଳା ବାଦଲ୍ ସଂସାରରେ ଆଚ୍ଛନ୍ନ ହୋଇଗଲା ଅର୍ଥାତ୍ ସଂସାରକୁ ଆଚ୍ଛନ୍ନ କରି ପକାଇଲା ସେତେବେଳେ ସେହି ଅନ୍ଧକାରକୁ ଦୂରୀଭୂତ କରିବା ଏବଂ ଅନ୍ଧକାରକୁ ମାର୍ଗଦର୍ଶନ ଓ ପୁଣ୍ୟ ତଥା ସୌଭାଗ୍ୟରେ ରୂପାନ୍ତରିତ କରିବା ନିମନ୍ତେ ଏକ ସିରାଜୁମ୍ ମୁନୀର୍ (ଜାଜୁଲ୍ୟମାନ ସୂର୍ଯ୍ୟ) ଫାରାନ ପର୍ବତ ଶୃଙ୍ଗରେ ଉଦିତ ଏବଂ ଆଲୋକିତ ହୋଇଥିଲା। ଅର୍ଥାତ୍ ଆଁହଜରତ ସ.ଅ ଅବତୀର୍ଣ୍ଣ ହେଲେ ।"

ଆପଣ ଅ.ସ କହିଲେ, ମୁଁ ସାଂପ୍ରତିକ କାଳରେ ଏଇଥି ପାଇଁ ଆସିଅଛି ଯେ, ଯେଉଁ ଆଲୋକଟି ଆଲୋକିତ ହୋଇଥିଲା । ସେହି ଆଲୋକ କାଳକୁ ଏକ ଦୀର୍ଘ କାଳ ବିତିଯିବା ଏବଂ ବିଦ୍ୱାନ୍‌ମାନଙ୍କର କର୍ମ, ଲୋକମାନଙ୍କର କର୍ମ, ମୁସଲମାନମାନଙ୍କର କର୍ମ ସେହି ଆଲୋକକୁ ନିଷ୍ପ୍ରଭ (ଆଲୋକହୀନ) ବା ଶିଥିଳ କରିବାକୁ ଉଦ୍ୟମ କରିଛି। ସେହି ଶିଥିଳତା କେବେ ହୋଇ ହୋଇ ନାହିଁ । ହଁ ଚକ୍ଷୁରୁ ଅଦୃଶ୍ୟ ହୋଇଯାଇଛି । ଅଲ୍ଲାଃତାଲା ମୋତେ ଏଇଥି ପାଇଁ ପ୍ରେରଣ କରିଛନ୍ତି ଯେ, ମୁଁ ସଂସାରବାସୀଙ୍କୁ କହିବି ଯେ, ଏହି ଆଲୋକ ତ' ବର୍ତ୍ତମାନ ଆଲୋକିତ ହେଉଅଛି । ସେହି ଆଲୋକକୁ କିପରି ତୁମେମାନେ କିପରି ଦେଖିପାରିବ ? ସେହି ଆଲୋକକୁ ତୁମେମାନେ ମୋ ଚକ୍ଷୁ ସାହାଯ୍ୟରେ ଦେଖ ଅଲ୍ଲାଃତାଲା ମୋତେ ମାଧ୍ୟମ କରିଛନ୍ତି ଏବଂ ମୁଁ ଅଲ୍ଲାଃତାଲାଙ୍କ ତରଫରୁ ଅଟେ । ତୁମ ଇଚ୍ଛା ତୁମେମାନେ ମୋତେ ସ୍ୱୀକାର କର ଅବା ମୋତେ ଅସ୍ୱୀକାର କରିଦିଅ । ଏହା ତୁମମାନଙ୍କର ଇଚ୍ଛା ଏବଂ ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ମୁଁ ଅଲ୍ଲାଃତାଲାଙ୍କ ତରଫରୁ ଅଟେ । ଉକ୍ତ କଥା ଉପରେ ମୋର ଦୃଢ ବିଶ୍ୱାସ ରହିଛି । ମୋର ଅନୁଗାମୀମାନଙ୍କୁ ମଧ୍ୟ ଉକ୍ତ କଥା ଉପରେ ଦୃଢ଼ ବିଶ୍ୱାସ ରହିଛି ଯେ, ମୁଁ ଅଲ୍ଲାଃତାଲାଙ୍କ ତରଫରୁ ଅଟେ । ଅଲ୍ଲାଃତାଲା ମୋତେ ଆଁହଜରତ ସ.ଅଙ୍କ ଦାସତ୍ୱରେ ପ୍ରେରଣ କରିଛନ୍ତି । **(ମଲ୍‌ଫୁଜାତ୍, ଭାଗ-1, ପୃ-98-97, ସଂସ୍କରଣ ବର୍ଷ-1984)**

ଆପଣ ଅ.ସ କହିଲେ, ଇସ୍‌ଲାମ୍ ଧର୍ମରେ ବିରୋଧ କାଳରେ ଈଶ୍ୱରଙ୍କ ପକ୍ଷରୁ ଯେଉଁ ସଂପ୍ରଦାୟ ସ୍ଥାପିତ କରାଯିବ ତାହା ମସିହି ମଉଦ୍ ଅର୍ଥାତ୍ ପ୍ରତିଶ୍ରୁତ ମସିହଙ୍କର ହିଁ ସଂପ୍ରଦାୟ ହେବ । ସେହି ବିରୋଧକୁ ପ୍ରତିହତ କରିବା ନିମନ୍ତେ ଇସ୍‌ଲାମ୍ ଧର୍ମର ପୁନରୁତ୍ଥାନ ନିମନ୍ତେ ଯେଉଁ ସଂପ୍ରଦାୟ ସ୍ଥାପନ ହେବ ତାହା ପ୍ରତିଶ୍ରୁତ ମସିହ୍ ମଉଦ୍ ଅ.ସଙ୍କର ସଂପ୍ରଦାୟ ହେବ । ସୁତରାଂ ଆହଦିସ୍‌ରେ (ହଦିସ୍‌ମାନଙ୍କରେ) ପ୍ରତିଶ୍ରୁତ ମସିହ୍‌ଙ୍କର ନାମ ଅଲ୍ଲାଃତାଲା ନିଜର ବାର୍ତ୍ତାବହ ମୁହମ୍ମଦ ମୁସ୍ତଫା ସ.ଅଙ୍କ ମାଧ୍ୟମରେ କାସିରୁସ୍ ସଲିବ୍ (ଶୂଳୀ ଭଙ୍ଗକାରୀ) ବୋଲି ନାମିତ କରିଛନ୍ତି । କାରଣ ଉକ୍ତ କଥା ସତ୍ୟ ଯେ, ପ୍ରତ୍ୟେକ କାଳରେ ଧର୍ମ ସଂସ୍କାରକଙ୍କ ଉପଦ୍ରବ ସମୟରେ ଉପଦ୍ରବକୁ ଦୂର କରିବା ନିମନ୍ତେ ଓ ସଂଶୋଧନ କରିବା ନିମନ୍ତେ ଆସିଥାଏ । ବର୍ତ୍ତମାନ ଅଲ୍ଲାଃତାଲାଙ୍କ ସକାଶେ ଟିକିଏ ବିଚାର କର ! ତୁମମାନେ କ'ଣ ବା ନଜାଣିବ ଯେ, ଶୂଳୀରୁ ମୁକ୍ତି ପ୍ରଦାନ କରିବାର ସମର୍ଥନରେ କଲମ ଏବଂ ତୁଣ୍ଡରୁ ସେହି ସେବା ନିଆଯାଇଛି ଅବା ନୁହେଁ ? ଅର୍ଥାତ୍ ସଂସାରର ପୃଷ୍ଠାକୁ ଯଦି ସନ୍ଧାନ କରାଯାଏ ତେବେ ମିଥ୍ୟା ଉପାସନାର ସମର୍ଥନରେ ଏହି ଉତ୍ସାହ ଅନ୍ୟ ଯୁଗରେ ପ୍ରମାଣିତ ହେବ ନାହିଁ। ଅପରପକ୍ଷେ ଶୂଳୀୟ ଉପଦ୍ରବ ଅର୍ଥାତ୍ ଖ୍ରୀଷ୍ଟ ଧର୍ମର ଯେଉଁ ଉପଦ୍ରବ ରହିଛି ସେହି ଧର୍ମାବଲମ୍ବୀମାନଙ୍କର ସମର୍ଥନକାରୀମାନଙ୍କ ଯେଉଁ ଲେଖନୀ ରହିଛି ତାହା ନିଜର ଶେଷ ବିନ୍ଦୁ ପର୍ଯ୍ୟନ୍ତ ପହଞ୍ଚିଯାଇଛି ।

**(ମଲ୍‌ଫୁଜାତ୍, ଭାଗ-1, ପୃ-205-206, ସଂସ୍କରଣ ବର୍ଷ-1984)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ପୂର୍ବେ ମଧ୍ୟ କହିଥିଲି ଯେ, ସେହି ଯୁଗରେ ଚତୁର୍ଦ୍ଦିଗରେ ଖ୍ରୀଷ୍ଟ ଧର୍ମର ପ୍ରାବଲ୍ୟତା ରହିଥିଲା । ଖ୍ରୀଷ୍ଟିଆନ୍ ଧର୍ମର ଧର୍ମ ପ୍ରଚାର ଚତୁର୍ଦ୍ଦିଗରେ ବ୍ୟାପୁଥିଲା ଏବଂ ମୁସଲମାନମାନେ ମଧ୍ୟ ଖ୍ରୀଷ୍ଟିଆନ୍‌ମାନଙ୍କ କୋଳାଗ୍ରତ (କୋଳକୁ ଯାଉଥିଲେ) ହେଉଥିଲେ । ପୂର୍ବେ କେବେ ବି ଏପରି ଦ୍ରୁତ ଗତିରେ ଏହି ଖ୍ରୀଷ୍ଟ ଧର୍ମର ପ୍ରଚାର ପ୍ରସାର ହୋଇ ନଥିଲା ଯେପରି ବର୍ତ୍ତମାନ ଖ୍ରୀଷ୍ଟ ଧର୍ମର ପ୍ରଚାର ପ୍ରସାର ହେଉଅଛି । ଅତଏବ୍ ଏହି ଖ୍ରୀଷ୍ଟ ଧର୍ମକୁ ରଦ୍ଦ ଏବଂ ପ୍ରତିହତ କରିବା ନିମନ୍ତେ ଅଲ୍ଲାଃତାଲା ପ୍ରତିଶ୍ରୁତ ମସିହ୍ (ମସିହ୍ ମଉଦ୍)ଙ୍କୁ ପ୍ରେରଣ କଲେ ।

ଆପଣ ଅ.ସ କୁହନ୍ତି: "ପ୍ରକୃତ ଏକେଶ୍ୱରବାଦ ଏବଂ ଆଁହଜରତ ସ.ଅଙ୍କ ମର୍ଯ୍ୟାଦା, ସମ୍ମାନ, ସତ୍ୟତା ଓ ପବିତ୍ର କୁରଆନ୍ କରୀମର ଅଲ୍ଲାଃତାଲାଙ୍କ ତରଫରୁ ହେବା ଇତ୍ୟାଦି ଉପରେ ଅତ୍ୟନ୍ତ ଅନ୍ୟାୟ ଓ ଅତ୍ୟାଚାର ମାର୍ଗ ମାଧ୍ୟମରେ ଆକ୍ରମଣ କରାଯାଇଛି । ଅତଏବ୍ କ'ଣ ଅଲ୍ଲାଃତାଲାଙ୍କ ସ୍ୱାଭିମାନ ଏହା ଆଶା କରୁ ନାହିଁ ଯେ, ସେ ଖ୍ରୀଷ୍ଟ ଧର୍ମର ପ୍ରତିହତକାରୀ ବ୍ୟକ୍ତିଙ୍କୁ ଅବତୀର୍ଣ୍ଣ କରନ୍ତୁ ? ବର୍ତ୍ତମାନ ଆଶା ତ' ଏହା କରାଯାଉଥିଲା କି ସେହି କାଳର ଯେଉଁ ଅବସ୍ଥା ତଥା ପରିସ୍ଥିତି ରହିଥିଲା ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ଅନୁଯାୟୀ ଶୂଳୀ ଭଙ୍ଗକାରୀ ଅର୍ଥାତ୍ ଖ୍ରୀଷ୍ଟ ଧର୍ମର ପ୍ରତିହତକାରୀ ବ୍ୟକ୍ତି ଅବତୀର୍ଣ୍ଣ ହେବା ଉଚିତ୍ ଥିଲା । ଆଜିକାଲି ଆମେମାନେ ଯେଉଁ ଯୁଗ ଦେଇ ଅତିକ୍ରମ କରୁଛେ ଏହି ଯୁଗରେ ଖ୍ରୀଷ୍ଟ ଧର୍ମର ସେହି ବଳ ଆଉ ରହିଲା ନାହିଁ ଯାହା ପୂର୍ବେ ଥିଲା । କିନ୍ତୁ ବାସ୍ତବତା ଏହିକି ଯେ, ଆଁହଜରତ ସ.ଅଙ୍କ ମର୍ଯ୍ୟାଦା, ଆଁହଜରତ ସ.ଅଙ୍କ ସମ୍ମାନ ଓ ସତ୍ୟବାଦୀତା ଉପରେ ଆକ୍ରମଣ ଜାରି ରହିଛି । ପବିତ୍ର କୁରଆନ୍ କରୀମ୍ ଉପରେ ବର୍ତ୍ତମାନ ମଧ୍ୟ ଆକ୍ରମଣ କରାଯାଉଛି । ଆଜିକାଲି ପ୍ରତ୍ୟେକ ସ୍ଥାନରେ ବିଭିନ୍ନ ପ୍ରକାରର ଲୋକମାନେ ରହିଛନ୍ତି ସେମାନେ ଅଶୋଭନୀୟ ଆଚରଣ ମଧ୍ୟ ପ୍ରଦର୍ଶନ କରିଥାଆନ୍ତି । ବୀଦର୍ଣ୍ଣ (ଚିରି ଯାଇଥିବା) ଓ ରୁଗ୍ଣ ମାନସିକତା ମଧ୍ୟ ପ୍ରଦର୍ଶନ କରୁଛନ୍ତି। ସେହି ବିକୃତ ମସ୍ତିଷ୍କ ଏବଂ ମାନସିକତା ରଖୁଥିବା ବ୍ୟକ୍ତିମାନେ ପଛେ ନାସ୍ତିକବାଦୀ ହୁଅନ୍ତୁ, ବିଧର୍ମୀ ହୁଅନ୍ତି କିମ୍ବା ଇସ୍‌ଲାମ୍ ଧର୍ମର ବିରୋଧୀ ହୁଅନ୍ତୁ ଅବା ଯେକୌଣସି ଧର୍ମାବଲମ୍ବୀ ହୁଅନ୍ତୁ ସେମାନେ ସମସ୍ତେ ଏହି କାର୍ଯ୍ୟ ଅର୍ଥାତ୍ ଇସଲାମ ଧର୍ମ ଉପରେ ଆକ୍ରମଣ, ଆଁହଜରତ ସ.ଅଙ୍କ ଉପରେ ଆକ୍ରମଣ ଓ ପବିତ୍ର କୁରଆନ୍ କରୀମ୍ ଉପରେ ଆକ୍ରମଣ କରିବାରେ ନିମଜ୍ଜିତ ଓ ବ୍ୟସ୍ତ ଅଟନ୍ତି । ଆଜି ମଧ୍ୟ ଏହି କାର୍ଯ୍ୟଟି ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌ର କାର୍ଯ୍ୟ ଅଟେ । ଅର୍ଥାତ୍ ଜମାଅତ୍ ଅହମଦିୟା ସେହି ବିରୋଧୀ ଧର୍ମାବଲମ୍ବୀ, ନାସ୍ତିକବାଦୀ, ବିଧର୍ମୀମାନଙ୍କର ସ୍କନ୍ଧଚ୍ୟୁତ କରିବାକୁ ସଂକଳ୍ପବଦ୍ଧ ଅଟେ । ତେଣୁ ଆପଣମାନେ ସେମାନଙ୍କୁ ପ୍ରାମାଣ୍ୟଭିତ୍ତିକ ଉତ୍ତର ଦିଅନ୍ତୁ ଓ ଆଁହଜରତ ସ.ଅଙ୍କ ସମ୍ମାନ, ପ୍ରତିଷ୍ଠା, ଗରିମା ଓ ଆଁହଜରତ ସ.ଅଙ୍କର ସତ୍ୟତାକୁ ସଂସାରବାସୀଙ୍କ ସମ୍ମୁଖରେ ପ୍ରକାଶିତ କରନ୍ତୁ ତଥା ପବିତ୍ର କୁରଆନ୍ କରୀମ୍‌ର ସୁରକ୍ଷା ଦାୟିତ୍ୱ ପୂର୍ଣ୍ଣ ରୂପେ ସମ୍ପାଦନ କରନ୍ତୁ । କ'ଣ ଅଲ୍ଲାଃତାଲା ନିଜର ପ୍ରତିଶ୍ରୁତି إِنَّا نَحْنُ نَزَّلْنَا الذِّكْرَ وَإِنَّا لَهُ لَحَافِظُونَ କୁ ଭୁଲି ଯାଇଛନ୍ତି କି ? ନିଃସନ୍ଦେହ ରୂପେ ତୁମେମାନେ ଏକଥା ମନେରଖ ଯେ, ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ସତ୍ୟ ଅଟେ । କାରଣ ଅଲ୍ଲାଃତାଲା ଏହି ପ୍ରତିଶ୍ରୁତି ଦେଇଛନ୍ତି ଯେ, ଆମ୍ଭେ ହିଁ ପବିତ୍ର କୁରଆନ୍ କରୀମ୍‌କୁ ଅବତୀର୍ଣ୍ଣ କରିଛୁ ଓ ଆମ୍ଭେ ହିଁ ଏହାକୁ ସୁରକ୍ଷା ଯୋଗାଇ ଦେବୁ । ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ସତ୍ୟ ଅଟେ । ସେ ନିଜର ପ୍ରତିଶ୍ରୁତି ଅନୁଯାୟୀ ସଂସାରରେ ଏକ ସାବଧାନକାରୀ ବ୍ୟକ୍ତିଙ୍କୁ ପ୍ରେରଣ କରିଛନ୍ତି। ସଂସାର ସେହି ବ୍ୟକ୍ତିଙ୍କୁ ସ୍ୱୀକାର କଲା ନାହିଁ । କିନ୍ତୁ ଅଲ୍ଲାଃତାଲା ସେହି ବ୍ୟକ୍ତିଙ୍କୁ ଆବଶ୍ୟ ସ୍ୱୀକାର କରିବେ ଏବଂ ଅତ୍ୟନ୍ତ ଭୟଙ୍କର ଆକ୍ରମଣ ଦ୍ୱାରା ତା'ର ସତ୍ୟତାକୁ ପ୍ରକାଶିତ କରିଦେବେ । ମୁଁ ତୁମକୁ ସତ ସତ କହୁଛି ଯେ, ମୁଁ ଈଶ୍ୱରଙ୍କ ପ୍ରତିଶ୍ରୁତି ଅନୁଯାୟୀ ପ୍ରତିଶ୍ରୁତ ମସିହ୍ ହୋଇ ଆସିଛି । ତୁମମାନଙ୍କ ଇଚ୍ଛା ତୁମେମାନେ ମୋତେ ସ୍ୱୀକାର କର ଅବା ମୋତେ ଅସ୍ୱୀକାର ଅର୍ଥାତ୍ ମୋତେ ପ୍ରତ୍ୟାଖ୍ୟାନ କରିଦିଅ । କିନ୍ତୁ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 29 May-05 June 2025 Issue No. 22-23

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ତୁମମାନେ ମୋତେ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା ଅଲ୍ଲାଃତାଲାଙ୍କର କିଛି କ୍ଷତି ହେବ ନାହିଁ । ବରଂ ଅଲ୍ଲାଃତାଲା ଯେଉଁ ଉଦ୍ଦେଶ୍ୟ ତଥା ଇଚ୍ଛା ପ୍ରକାଶ କରିଛନ୍ତି ତାହା ଅବଶ୍ୟ ସଂପୂର୍ଣ୍ଣ ହେବ । କାରଣ ଈଶ୍ୱର ପୂର୍ବରୁ ବରାହିନେ ଅହେମଦିୟାରେ କହି ଦେଇଛନ୍ତି ଯେ, صَدَقَ اللّٰہُ وَرَسُوْلُہٗ وَکَانَ وَعْدًا مَّفْعُوْلًا । ଅର୍ଥାତ୍ ଅଲ୍ଲାଃତାଲା ଯାହା କହିଛନ୍ତି ଏବଂ ତାହାଙ୍କ ବାର୍ତ୍ତାବହ ଯାହା କହି ଯାଇଛନ୍ତି ତାହା ଶାସ୍ୱତ ସତ୍ୟ ଅଟେ । ଏହି ପ୍ରତିଶୃତି ଅବଶ୍ୟ ସଂପୂର୍ଣ୍ଣ ହେବ ।"

**(ମଲ୍ଫୁଜାତ୍, ଭାଗ-1, ପୃ-206, ସଂସ୍କରଣ ବର୍ଷ-1984)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଏହା ଅନିର୍ବାର୍ଯ୍ୟ ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତା ସଂସାରରେ ପ୍ରସାରିତ ହେବବାର ଥିଲା, ପ୍ରସାରିତ ହେଉଛି ଓ ଆଗକୁ ମଧ୍ୟ ପ୍ରସାରିତ ହେବ । କାରଣ ଆପଣ ସ.ଅ ଆଁହଜରତ ସ.ଅଙ୍କ ଦାସତ୍ୱରେ ଆଁହଜରତ ସ.ଅଙ୍କ ଧର୍ମର ପ୍ରକାଶନ ଏବଂ ପ୍ରଚାର ପ୍ରସାରି ନିମନ୍ତେ ସଂସାରକୁ ଆସିଛନ୍ତି । ଏହି ଇସ୍ଲାମ୍ ଧର୍ମ ହିଁ ଶେଷ ଧର୍ମ ଅଟେ । ଏହି ଧର୍ମକୁ ଅଲ୍ଲାଃତାଲା ହିଁ ତିଆରି କରିଛନ୍ତି । ତେଣୁ ଇସ୍ଲାମ୍ ଧର୍ମ ସଂସାରରେ ପ୍ରସାରିତ ହେବ। ଆପଣ ଲୋକ (ମୁସଲମାନମାନେ) ବିରୋଧ କରନ୍ତୁ ଅବା ପର ଅର୍ଥାତ୍ ଅନ୍ୟ ଧର୍ମାବଲମ୍ବୀମାନେ ବିରୋଧ କରନ୍ତୁ ସେହି ଲୋକମାନଙ୍କର ବିରୋଧ ପରିଶେଷରେ ଅସଫଳ ହୋଇଯିବ ଓ ସେମାନେ ଅକୃତକାର୍ଯ୍ୟ ହୋଇଯିବେ ।

ଆପଣ ଅ.ସ କୁହନ୍ତି: "ତୁମେମାନେ କହୁଛ ଯେ, ମୁଁ କାହିଁକି ଏହି ସଂସାରକୁ ଆସିଲି?" ଅନେକ ମୁସଲମାନମାନେ ଏହି ଆପତ୍ତି କରିଥାଆନ୍ତି । ଆପଣ ଅ.ସ କହିଲେ "ବର୍ତ୍ତମାନେ ତୁମେମାନେ ନିଜେ କୁହ କି ମୁସଲମାନମାନଙ୍କର ଯେଉଁ କର୍ମ ରହିଛି ତାହା ଏହା ଚାହୁଁ (ଆଶା କରୁ) ନାହିଁ ଯେ, କୌଣସି ଏକ ଧର୍ମ ସଂସ୍କାରକ ଓ ସୁଧାରକ ଆସିବା ଉଚିତ୍ । ମୌଲବୀମାନେ ଖୁବ୍ ଚିତ୍କରା କରୁଛନ୍ତି ଯେ, ସେହି ପ୍ରତିଶୃତ ମସିହ୍ କାହିଁକି ଆସିଲା ? ତୁମେମାନେ ନିଜର କର୍ମ ଏବଂ ଆଚରଣକୁ ଦେଖ । ତୁମମାନଙ୍କର କର୍ମ ସ୍ୱୟଂ ଏହା ଚାହୁଁଛି ଯେ, ଏକ ଧର୍ମ ସଂସ୍କାରକ ଆସିବା ଉଚିତ୍ ।" ସୁତରାଂ ଏହାର ବିସ୍ତୃତ ବିବରଣୀରେ ଏକ ସ୍ଥାନରେ ଆପଣ ଅ.ସ କହିଲେ, "ମୁସଲମାନ ବୋଲାଉଥିବା ବ୍ୟକ୍ତିମାନଙ୍କର କର୍ମ ଯଦି ସତକର୍ମ ଅଟେ ତେବେ ଏହି ସତ୍କର୍ମର ପବିତ୍ର ଫଳାଫଳ କାହିଁକି ସୃଷ୍ଟି ହେଉ ନାହିଁ । ଅର୍ତାତ୍ ସୁଫଳ କାହିଁକି ବାହାରୁ ନାହିଁ ? ଆପଣ ଅ.ସ କୁହନ୍ତି: "ଏହି ଲୋକମାନେ ଆଦୌ ବୁଝୁ ନାହାନ୍ତି ଏବଂ କୁହନ୍ତି ଯେ, ଆମମାନଙ୍କ ମଧ୍ୟରେ ଏପରି କେଉଁ କଥା ରହିଛି ଯାହାକି ଇସଲାମ୍ ବିରୋଧୀ ଅଟେ ? ଆମେମାନେ ତ' **ଲା ଇଲାହା ଇଲ୍ଲଲ୍ଲାଃହୁ** କହିଥାଉ ଏବଂ ନମାଜ୍ ମଧ୍ୟ ପାଠ କରୁ ଏବଂ ରୋଜା ମଧ୍ୟ ରଖୁ, ଦିନରେ ରୋଜା ମଧ୍ୟ ରଖୁଛୁ ଓ ଜକାତ୍ ମଧ୍ୟ ଦେଉଛୁ।" କିନ୍ତୁ ଆପଣ ଅ.ସ କହିଲେ, "ମୁଁ କହୁଛି ଯେ, ସେମାନଙ୍କର ସମସ୍ତ କର୍ମକୃତ୍ୟ ସତ୍କର୍ମ ରୂପେ ନାହିଁ । ବରଂ ତାହା କେବଳ ବକ୍କଳ ପରି ଅଟନ୍ତି । ଏକ Shell ଅଟେ । ତହିଁରେ ମଞ୍ଜି ନାହିଁ । ଅନ୍ୟଥା ଯଦି ଏଗୁଡ଼ିକ ସତ୍କର୍ମ ଅଟନ୍ତି ତେବେ ସେହି ସତ୍କର୍ମର ପବିତ୍ର ପରିଣାମ କାହିଁକି ସୃଷ୍ଟି ହେଉ ନାହିଁ ?"

ଅଲ୍ଲାଃତାଲାଙ୍କର ଏହି ଅଙ୍ଗୀକାର ଏବଂ ପ୍ରତିଶୃତି ରହିଛି ଯେ, ମୁଁ ସତ୍କର୍ମର ସତ୍ଫଳ ଏବଂ ସୁପରିଣାମ ସୃଷ୍ଟି କରିଥାଏ ତେବେ ଏମାନଙ୍କ ଦ୍ୱାରା ପବିତ୍ର ପରିଣାମ କାହିଁକି ବାହାରୁ ନାହିଁ ? କ'ଣ ମୁସଲମାନମାନଙ୍କର ଅବସ୍ଥା ଏମିତି ହୋଇଯାଇଛି ଯେ, ସେହି ଅବସ୍ଥା ସଂପର୍କରେ କାହାର କିଛି ଅସୁବିଧ ହେବ ନାହିଁ ? ଏହି ଯୁଗରେ ଏହା ଦର୍ଶାଉ ନାହିଁ କି କିଛି ନା କିଛି ଦୋଷ ଦୁର୍ବଳତା ରହିଛି ଏବଂ ତ୍ରୁଟି ରହିଛି ଓ ରୁଗ୍ଣାବସ୍ଥା (ମାନସିକ) ରହିଛି ଯେଉଁ ଦୋଷ ଦୁର୍ବଳତା, ତ୍ରୁଟି ଯୋଗୁଁ ଅଲ୍ଲାଃତାଲାଙ୍କର ପ୍ରତିଶୃତି ପୂର୍ଣ୍ଣ ହେଉ ନାହିଁ । ଆପଣ ଅ.ସ କୁହନ୍ତି ଯେ, "ସତ୍କର୍ମ ତ' ସେତେବେଳେ ହୋଇପାରିବ ଯେତେବେଳେ ତାହା ପ୍ରତ୍ୟେକ ପ୍ରକାରର ଉପଦ୍ରବ ଏବଂ ଅପମିଶ୍ରଣରୁ ପବିତ୍ର ହୋଇଥିବ । କିନ୍ତୁ ଏମାନଙ୍କ ମଧ୍ୟରେ (ମୁସଲମାନମାନଙ୍କ ମଧ୍ୟରେ) ଏହିସବୁ କଥା କେଉଁଠି ଅଛି ?" **(ମଲ୍ଫୁଜାତ୍, ଭାଗ-1, ପୃ-343, ସଂସ୍କରଣ ବର୍ଷ-1984)**

ହୁଜୁର ଅନ୍ୱର୍ ଅ.ବ କହିଲେ, ମୁସଲମାନମାନେ ଦାବି ତ' କରନ୍ତି ଯେ, ଆମେମାନେ ନମାଜ ପାଠ କରୁଛେ, ରୋଜା ରଖୁଛେ । କିନ୍ତୁ ଧର୍ମପରାୟଣତା ତ' କିଛି ନାହିଁ । ଆପଣମାନେ ସ୍ୱୟଂ ସେମାନଙ୍କର ସମୀକ୍ଷା କରନ୍ତୁ ତେବେ ଜାଣି ପାରିବେ ଯେ, ଉପରୋକ୍ତ କଥା ସେମାନଙ୍କ ମଧ୍ୟରେ ବିଦ୍ୟମାନ ଅଛି ଅବା ନୁହେଁ ଏବଂ ସେମାନଙ୍କ ମଧ୍ୟରେ ପାପ ଓ ଦୋଷ ଦୁର୍ବଳତା ରହିଛି ଅବା ନୁହେଁ ?

ହ. ମସିହ୍ ମଉଦ୍ ଅ.ସ କହିଲେ, "ଯୁଗର ପରିସ୍ଥିତି ଏପରି ରହିଛି ଯେ, ଯୁଗ ଏକ ସଂସ୍କାରକ ଏବଂ ସଂଶୋଧନକାରୀର ବ୍ୟକ୍ତିର ଆବଶ୍ୟକ କରୁଛି । ସ୍ୱୟଂ ଏମାନଙ୍କର ଏହି ଶ୍ଳୋଗାନ୍ ମଧ୍ୟ ରହିଛି । ଏହି ଶ୍ଳୋଗାନ୍ କେତେକ ଲୋକମାନଙ୍କ ତରଫରୁ ଆଜିକାଲି ଦିଆଯାଉଛି ଯେ, କେହି ଜଣେ ସଂସ୍କାରକ ହେବା ଉଚିତ୍। ମୁସଲମାନମାନଙ୍କର ଯେଉଁ ଅବସ୍ଥା ରହିଛି ସେହି ଅବସ୍ଥା ଏହା ଚାହୁଁଛି ଯେ, ସେମାନଙ୍କ ସଂଶୋଧନ ନିମନ୍ତେ କେହି ଜଣେ ସୁଧାରକ ଆସିବା ଉଚିତ୍ । କିନ୍ତୁ ଯେଉଁ ଯୁଗାବତାର ତଥା ସୁଧାରକକୁ ଅଲ୍ଲାଃତାଲା ପ୍ରେରଣ କରିଛନ୍ତି ତାହାକୁ ଏହି ମୁସଲମାନମାନେ ସ୍ୱୀକାର କରିବାକୁ ଚାହାନ୍ତି ନାହିଁ । ସୁତରାଂ ଆପଣ ଅ.ସ ଏକ ସ୍ଥାନରେ କହିଲେ, ଏହି ଖ୍ରୀଷ୍ଟିଆନ୍ମାନେ ଯେଭଳି ଭାବରେ ଆକ୍ରମଣ କରୁଛନ୍ତି କିମ୍ବା ଅଣଧର୍ମାବଲମ୍ବୀମାନେ ଯେଭଳି ଆକ୍ରମଣ କରୁଛନ୍ତି କିମ୍ବା ନାସ୍ତିକବାଦୀମାନେ ଯେଭଳି ଆକ୍ରଣ କରୁଛନ୍ତି ଓ ମୁସଲମାନମାନେ ସ୍ୱୟଂ ଏମାନଙ୍କର ଆକ୍ରମଣର ଶିକାର ହେଉଛନ୍ତି ତଥା ଆକ୍ରମଣର ସଂସ୍ୱର୍ଶରେ ଆସୁଛନ୍ତି । ମୁସଲମାନମାନେ ସ୍ୱୟଂ ଧର୍ମରୁ ହଟିବାକୁ (ଓହରି ଯିବାକୁ) ଚାହୁଁଛନ୍ତି । ଏହା ସେହି କଥାକୁ ଚାହୁଁଛି ଯେ, କେହି ଜଣେ ସୁଧାରକ ହେବା ଉଚିତ୍ ଯିଏ ସେମାନଙ୍କୁ ସଠିକ୍ ମାର୍ଗରେ ପରିଚାଳିତ କରାଇବ । ଅଲ୍ଲାଃତାଲା ସାଂପ୍ରତିକ କାଳରେ ମୋତେ ସେହି ସୁଧାରକ କରି ପ୍ରେରଣ କରିଛନ୍ତି। ଆପଣ ଅ.ସ କହିଲେ, "ମୁସଲମାନମାନଙ୍କ ପକ୍ଷେ ଏହା ଉଚିତ୍ ଥିଲା କି ଏପରି ପରିସ୍ଥିତିରେ କୌଣସି ପ୍ରମାଣ ମଧ୍ୟ ଯଦି ଆମ ନିକଟରେ ନଥାଆନ୍ତା ତେବେ ମଧ୍ୟ ପାଗଳଙ୍କ ପରି ମୁଁ ଖୋଜି ଥାଆନ୍ତି ଯେ, ସେହି ପ୍ରତିଶୃତ ମସିହ୍ ଏପର୍ଯ୍ୟନ୍ତ କାହିଁକି ଆସିଲେ ନାହିଁ । ଆଉ ଯଦି ମୁଁ କୌଣସି ପ୍ରମାଣ ନଦେଇ ଥାଆନ୍ତି ତେବେ ମଧ୍ୟ ସେମାନଙ୍କୁ ଯୁଗର ଅବସ୍ଥାକୁ ଦେଖି ନିଜେ ଖୋଜିବା ଉଚିତ୍ ଥିଲା । ସେମାନଙ୍କ ପକ୍ଷେ ଏହା ଆବଶ୍ୟକ ନଥିଲା ଯେ, ନିଜର କଳହକୁ ଦୂରୀଭୂତ କରିବା ସକାଶେ ସେମାନେ ସେହି ପ୍ରତିଶୃତ ମସିହଙ୍କୁ ଡାକି ଥାଆନ୍ତେ । କାରଣ ସେହି ପ୍ରତିଶୃତ ମସିହ୍ଙ୍କର କାର୍ଯ୍ୟ ଶୂଳୀ ଭଙ୍ଗ କରିବା ଅଟେ । ଯେତେବେଳେ ପ୍ରତିଶୃତ ମସିହ୍ ଆସିବ ସେତେବେଳେ ସେ ଖ୍ରୀଷ୍ଟ ଧର୍ମକୁ ରଦ୍ଦ କରିଦେବ, ସେହି ପ୍ରତିଶୃତ ମସିହ୍ ନାସ୍ତିକବାଦୀମାନଙ୍କୁ ରଦ୍ଦ ଏବଂ ଅସତ୍ୟ ସାବ୍ୟସ୍ତ କରିଦେବ ସେ ବିଧର୍ମୀମାନଙ୍କୁ ଅସତ୍ୟ ସାବ୍ୟସ୍ତ କରିଦେବ। ଏହା ହିଁ ସାଂପ୍ରତିକ ଯୁଗର ଆବଶ୍ୟକତା ରହିଛି । ଯେତେବେଳେ ଆପଣ ଅ.ସ ଦାବି କରିଥିଲେ ସେତେବେଳେ ମଧ୍ୟ ଯୁଗ ଏହା ଆବଶ୍ୟକ କରୁଥିଲା ଯେ, ଜଣେ ଯୁଗାବତାର ସୁଧାରକ ଆସୁ । ଅତଏବ୍ ସେତେବେଳେ ଆପଣ ଅ.ସ କହିଲେ, ହେ ଲୋକମାନେ ! ଯେଉଁ ଆଗମନାକାରୀ ବ୍ୟକ୍ତିର ପ୍ରତିଶୃତ ମସିହ୍ ବୋଲି ନାମକରଣ କରାଯାଇଛି ସେହି ଆଗମନକାରୀ ହେଉଛି ମୁଁ । ଯଦି ମୁଲ୍ଲାମାନେ ମନାବଜାତିର କଲ୍ୟାଣ ଏବଂ ଉନ୍ନତି ଚାହିଁଥାଆନ୍ତେ ତେବେ ସେମାନେ ଏପରି କଦାପି କରନ୍ତେ ନାହିଁ ଯେପରି ଏହି ମୁଲ୍ଲାମାନେ ଆମ ସହିତ ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ସେମାନଙ୍କୁ ଚିନ୍ତା କରିବା ଉଚିତ୍ ଥିଲା କି ସେମାନେ ଆମ ବିରୁଦ୍ଧରେ ଫତ୍ୱା (ଧର୍ମାଦେଶ) ଲେଖି କ'ଣ ତିଆରି କରି ନେଇଛନ୍ତି ? ଈଶ୍ୱର ଯେଉଁ ବସ୍ତୁକୁ କୁହନ୍ତି ଯେ, ହୋଇଯା ତେବେ ସେହି ବସ୍ତୁକୁ କିଏ ବା କହି ପାରିବ ଯେ, ତୁ ହୋ ନା ରେ । ଏହି ଲୋକମାନେ ଯେଉଁମାନେ ଆମମାନଙ୍କର ବିରୋଧୀ ଅଟନ୍ତି ଏମାନେ ଆମମାନଙ୍କର ଚାକର ଅଟନ୍ତି । ଏମାନେ କୌଣସି ନା କୌଣସି ରୂପରେ ଆମମାନଙ୍କର କଥାକୁ ପୂର୍ବ ଓ ପଶ୍ଚିମ (ଦେଶ) ପର୍ଯ୍ୟନ୍ତ ପହଞ୍ଚାଇ ଦେଉଛନ୍ତି । ଏହି ବିରୋଧ ଦ୍ୱାରା ମଧ୍ୟ ଜମାଅତ୍ର ସନ୍ଦେଶ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚୁଛି । ତେଣୁ ଆମମାନଙ୍କ ତବ୍ଲିଗ୍ର ସର୍ବ ବୃହତ୍ ମାଧ୍ୟମ ହେଉଛି ବିରୋଧୀମାନଙ୍କର ବିରୋଧ ।"

**(ମଲ୍ଫୁଜାତ୍, ଭାଗ-1, ପୃ-397-398, ସଂସ୍କରଣ ବର୍ଷ-1984ରୁ ଉଦ୍ଧୃତ)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଏହି ଲୋକମାନେ ଯେତେ ଇଚ୍ଛା ସେତେ ବଳ ପ୍ରୟୋଗ କରନ୍ତୁ ପଛେ ଯେ, ସେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ସଂପ୍ରଦାୟକୁ ସମାପ୍ତ କରିଦେବେ । କିନ୍ତୁ ଯେଉଁ ବଳ ଏମାନେ ଜମାଅତ୍କୁ ସମାପ୍ତ କରିବା ନିମନ୍ତେ ପ୍ରୟୋଗ କରୁଛନ୍ତି ସେହି ବଳ ଜମାଅତର ପ୍ରସାରିତ ହେବାର ମାଧ୍ୟମ ହୋଇଯାଉଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏକ ସ୍ଥାନରେ ଆପଣ ଅ.ସ କହିଲେ, "ଅଲ୍ଲାଃତାଲା ଜଣେ ମାତାର ବାତ୍ସଲ୍ୟ ଏବ ମମତା ଠାରୁ ବି ଅଧିକ ଦୟାବାନ୍ ଅଟନ୍ତି । ସେ ଏହା ଚାହାନ୍ତି ନାହିଁ ଯେ, ତାଙ୍କର ପ୍ରାଣୀମାନେ ନଷ୍ଟ ହୋଇ ଯାଆନ୍ତୁ । ପ୍ରାଣୀମାନଙ୍କର ଅବକ୍ଷୟ ଘଟୁ । ସେ ତୁମକୁ ସତ୍ମାର୍ଗ ଏବଂ ଆଲୋକ ଦେଖାଇ ଥାଆନ୍ତି । କିନ୍ତୁ ତୁମେମାନେ ସେହି ସତ୍ମାର୍ଗ ଏବଂ ଆଲୋକ ମାର୍ଗରେ ଅଗ୍ରସର ଏବଂ ପରିଚାଳିତ ହେବା ନିମନ୍ତେ ନିଜର ବୁଦ୍ଧି, ବିବେକ ଓ ପବିତ୍ରାତ୍ମାକୁ ବିନିଯୋଗ କରେ । ଯେପରି ଭୂମିକୁ କଷଣ ଅର୍ଥାତ୍ ଜମିରେ ଯେପର୍ଯ୍ୟନ୍ତ ହଳ କରାଯାଇ ନଥାଏ ସେପର୍ଯ୍ୟନ୍ତ ସେହି ଜମିରେ ବୀଜ ମଧ୍ୟ ପଡ଼ି ନଥାଏ ଓ ଫସଲ୍ ମଧ୍ୟ ହୋଇ ନଥାଏ । ଠିକ୍ ସେହିପରି ଯେପର୍ଯ୍ୟନ୍ତ ଉଦ୍ୟମ, ଚେଷ୍ଟା, ଶ୍ରମ ଓ ତପସ୍ୟା ମାଧ୍ୟମରେ ଆତ୍ମାର ଶୁଦ୍ଧିକରଣ ତଥା ଆତ୍ମାକୁ ପରିବ୍ର କରିନିଆଯାଇ ନାହିଁ ସେପର୍ଯ୍ୟନ୍ତ ପବିତ୍ର ବୁଦ୍ଧି ଏବଂ ବିବେକ ଆକାଶାଲୋକରୁ ଅବତୀର୍ଣ୍ଣ ହୋଇ ପାରିବ ନାହିଁ ।"

ସାଂପ୍ରତିକ କାଳରେ ଅଲ୍ଲାଃତାଲା ଆମମାନଙ୍କ ଉପରେ ଅପାର କୃପାବତୀର୍ଣ୍ଣ କଲେ ଏବଂ ନିଜର ଧର୍ମ ଏବଂ ହ. ନବୀ କରୀମ୍ ସ.ଅଙ୍କ ସମର୍ଥନରେ ସ୍ୱାଭିମାନ ପ୍ରଦର୍ଶନ କରି ଜଣେ ବ୍ୟକ୍ତି ଯିଏ ତୁମମାନଙ୍କ ମଧ୍ୟରେ କଥା କହୁଅଛି ତାହାକୁ ପ୍ରେରଣ କଲେ। ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରେରଣ କଲେ।

**(ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan